READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅ ନୁ ସ ନ୍ଧା ନ ପ ରେ ଖ ବ ର



ବର୍ଷ-୭ | ସଂଖ୍ୟା-୩୯ | ୯ - ୧୫ ଅକ୍ଟୋବର, ୨୦୨୩ | ଭୁବନେଶ୍ୱର | Monday Weekly | VOL-7 | ISSUE-39 | 9th - 15th OCTOBER, 2023 | BHUBANESWAR | ₹ 5/- (8 Pages)

**ଶାହଙ୍କ ଅଧ୍ୟକ୍ଷତାରେ ବାମପନ୍ଥୀ ଉଗ୍ରବାଦ ସମୀକ୍ଷା ବୈଠକ**

## ଆସନ୍ତା ଦୁଇ ବର୍ଷ ମଧ୍ୟରେ ବାମପନ୍ଥୀ ଉଗ୍ରବାଦକୁ ସମ୍ପୂର୍ଣ୍ଣ ନିପାତ କରିବୁ

**ନୂଆଦିଲ୍ଲୀ,(ପିଆଇବି):** କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ନୂଆଦିଲ୍ଲୀରେ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏବଂ ଅନ୍ୟାନ୍ୟ ସଂପୃକ୍ତ ଅଧିକାରୀଙ୍କ ସହ ବାମପନ୍ଥୀ ଉଗ୍ରବାଦ ଉପରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ବିଭିନ୍ନ କେନ୍ଦ୍ରମନ୍ତ୍ରୀ, ଜାତୀୟ ସୁରକ୍ଷା ପରାମର୍ଶଦାତା, କେନ୍ଦ୍ର ଗୃହ ସଚିବ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ୍)ର ମହାନିର୍ଦ୍ଦେଶକ, କେନ୍ଦ୍ର ସରକାରଙ୍କ ସଚିବ, ରାଜ୍ୟର ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ କିଛି ବର୍ଷ ମଧ୍ୟରେ ବାମପନ୍ଥୀ ଉଗ୍ରବାଦକୁ ନିୟନ୍ତ୍ରଣ କରିବାରେ ଉଲ୍ଲେଖନୀୟ ସଫଳତା ହାସଲ ହୋଇଛି। ବର୍ତ୍ତମାନ ଏହି ଲଢ଼େଇ ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଂକଳ୍ପବଦ୍ଧତା ଏବଂ ବାମପନ୍ଥୀ ଉଗ୍ରବାଦ ଦ୍ୱାରା



ପ୍ରଭାବିତ ସମସ୍ତ ରାଜ୍ୟର ସହଯୋଗରେ ୨୦୨୨ ଓ ୨୦୨୩ରେ ଏହି ସମସ୍ୟା ବିରୋଧରେ ବଡ଼ ସଫଳତା ହାସଲ କରାଯାଇଛି ବୋଲି ସେ କହିଛନ୍ତି। ଆଗାମୀ ଦୁଇ ବର୍ଷ ମଧ୍ୟରେ ବାମପନ୍ଥୀ ଉଗ୍ରବାଦକୁ ସମ୍ପୂର୍ଣ୍ଣ ରୂପେ ନିପାତ କରାଯିବ ବୋଲି ଅମିତ ଶାହ କହିଛନ୍ତି। ଅମିତ ଶାହ କହିଛନ୍ତି ଯେ ୨୦୧୯ ପରଠାରୁ ଶୂନ୍ୟସ୍ଥାନ ହ୍ରାସ ପାଉଛି, ଆମେ କେନ୍ଦ୍ର ସଶସ୍ତ୍ର ସୁରକ୍ଷା ବାହିନୀ (ସିଏପିଏଫ)ର ୧୯୫ ଟି ନୂତନ ଶିବିର ସ୍ଥାପନ କରିଛୁ ଏବଂ ୪୪ ଟି ନୂତନ ଶିବିର ସ୍ଥାପନ କରାଯିବ। ବାମପନ୍ଥୀ ଉଗ୍ରବାଦ ବିରୋଧରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ୍) ମୁତୟନ, ଯଥାର୍ଥ ବିକାଶ ଏବଂ ଶୂନ୍ୟ ଅଞ୍ଚଳରେ ଶିବିର ପ୍ରତିଷ୍ଠା ମୋଦୀ ସରକାରଙ୍କ ପ୍ରାଥମିକତା ବୋଲି ଶ୍ରୀ ଶାହ କହିଛନ୍ତି। କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ କହିଛନ୍ତି ଯେ ବାମପନ୍ଥୀ ଉଗ୍ରବାଦରୁ ମୁକ୍ତ ଅଞ୍ଚଳରେ ଯେପରି ଏହି ସମସ୍ୟାର ପୁଣି ଥରେ ଦେଖା ନଦିଏ ସେଥିପାଇଁ ନିରନ୍ତର ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ଯେଉଁ ଅଞ୍ଚଳରୁ ଏହି ସମସ୍ୟା ଦୂର ହୋଇଛି ସେହି ଅଞ୍ଚଳରୁ ବାମପନ୍ଥୀ ଉଗ୍ରବାଦୀମାନେ ଯେପରି ଅନ୍ୟ ରାଜ୍ୟରେ ଆଶ୍ରୟ ନ ନେବେ, ତାହା ଉପରେ ନଜର ରଖିବାର ଆବଶ୍ୟକତା ➤ ପୃ-୬

**ପ୍ରାକ୍ ବାତ୍ୟା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି**

## 'ସହଯୋଗ ଓ ସମନ୍ୱୟ ବାତ୍ୟା ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ'



**ଭୁବନେଶ୍ୱର :** ରାଜ୍ୟରେ ମୌସୁମୀ ବର୍ଷା ପରେ ଅକ୍ଟୋବର ମାସର ଶେଷଭାଗରେ ବାତ୍ୟା ସଂଘଠିତ ହୋଇଥାଏ। ପାଣିପାଗ ବିଭାଗ ଆକଳନ ଅନୁସାରେ ଅକ୍ଟୋବରରେ ମୌସୁମୀ ପ୍ରତ୍ୟାବର୍ତ୍ତନ କରିଥାଏ। ଏଣୁ ଏହାପରେ ବିଶେଷ କରି ପ୍ରାୟ ୪୫ଦିନ ଭିତରେ ଆମ ରାଜ୍ୟରେ ବାତ୍ୟା ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ପୂର୍ବ ଅନୁଭୂତି ଓ ଅଭିଜ୍ଞତା ରହିଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମ୍ଭାବ୍ୟ ବାତ୍ୟା ପାଇଁ ଆଗୁଆ ସତର୍କ ରହିବା ସହ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ପରିଚାଳନା ପାଇଁ ବିଭିନ୍ନ ବିଭାଗର ସହଯୋଗ ଓ ସମନ୍ୱୟ ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ, ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ➤ ପୃ-୬

## ଭର୍ଚୁଆଲ ଶୁଣାଣି ପାଇଁ ମନା କରିପାରିବେନାହିଁ ହାଇକୋର୍ଟ : ପ୍ରଧାନ ବିଚାରପତି

**ନୂଆଦିଲ୍ଲୀ :** ଭର୍ଚୁଆଲ୍ ଶୁଣାଣି ଜାରି ରଖିବାକୁ ଦେଶର ସମସ୍ତ ହାଇକୋର୍ଟକୁ ଅନୁରୋଧ କରି ସୁପ୍ରିମ୍ କୋର୍ଟ ଶୁକ୍ରବାର କହିଛନ୍ତି ଯେ ଭାରତର ପ୍ରତ୍ୟେକ ବିଚାରପତି ବୈଷୟିକ ଜ୍ଞାନକୌଶଳରେ ଦକ୍ଷ ହେବା ଆବଶ୍ୟକ। ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଶୁଣାଣି ପାଇଁ ଭିଡିଓ କନଫରେନ୍ସିଂ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ତ୍ୟାଗ କରିଛନ୍ତି ବୋଲି ଅଭିଯୋଗ କରି ଏକ ପିଟିସନର ଶୁଣାଣି କରି କୋର୍ଟ ଏହା କହିଛନ୍ତି।



ଏହି ପ୍ରସଙ୍ଗରେ ପୂର୍ବ ଶୁଣାଣି ସମୟରେ ସୁପ୍ରିମକୋର୍ଟ ଦେଶର ସମସ୍ତ ହାଇକୋର୍ଟ ଓ ଟ୍ରିବ୍ୟୁନାଲକୁ ନୋଟିସ ଜାରି କରିଥିଲେ। ଏଥିସହ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଆଜି ସ୍ପଷ୍ଟ କରି ଦେଇଛନ୍ତି ଯେ ଭର୍ଚୁଆଲ ଶୁଣାଣି ପାଇଁ କୌଣସି ହାଇକୋର୍ଟ ମନା କରିପାରିବେ ନାହିଁ। ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ଖଣ୍ଡପୀଠ କହିଛନ୍ତି, ଜଣେ ବିଚାରପତି ବୈଷୟିକ ଜ୍ଞାନ କୌଶଳସମ୍ପନ୍ନ କି ନାହିଁ ତାହା ପ୍ରସଙ୍ଗ ନୁହେଁ। ଏହି ଦେଶରେ ବିଚାରପତି ➤ ପୃ-୬

## ବଢୁଛି ଡ୍ରପଆଉଟ ଚିନ୍ତା

**ଭୁବନେଶ୍ୱର :** ପଦାରେ ପଡ଼ିଛି ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ଅପାରଗତା। ୨ ବର୍ଷ ପୂର୍ବରୁ ରାଜ୍ୟରେ ଆରମ୍ଭ ହୋଇଥିବା ଷ୍ଟାର ଯୋଜନାରେ ଡ୍ରପ ଆଉଟ ଗରିବ ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ଫେରାଇ ଆଣିବାରେ ବିଫଳ ହୋଇଛି ରାଜ୍ୟ ଶିକ୍ଷା ବିଭାଗ। ୨୦୨୧ରେ କେନ୍ଦ୍ରୀୟ ଯୋଜନାକୁ ସ୍ୱାଗତ କରିବା ସହ ରାଜ୍ୟର ୧୦ ଜିଲ୍ଲାରେ ଯୋଜନା କାର୍ଯ୍ୟକାରୀ କରିଥିଲେ ରାଜ୍ୟ ସରକାର। କିନ୍ତୁ ଆନ୍ତରିକତା ଅଭାବରୁ ଫେଲ୍ ମାରିଛି ଯୋଜନା, ଫେରୁଛି କେନ୍ଦ୍ରୀୟ ଅନୁଦାନ। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକକୁ ଆସିଥିବା ପ୍ରାୟ ୧୮ ଲକ୍ଷ ଟଙ୍କା, ଜୟପୁରକୁ ମିଳିଥିବା ପ୍ରାୟ ୧୫ ଲକ୍ଷ ଟଙ୍କା ଅନୁଦାନ ଖର୍ଚ୍ଚ ହୋଇନପାରି ଶିକ୍ଷା ମନ୍ତ୍ରଣାଳୟକୁ ଫେରିଯାଇଛି। ସେହିପରି କୋରାପୁଟ ଜିଲ୍ଲାର ୫ ବ୍ଲକକୁ ପ୍ରାୟ ୭୯ ଲକ୍ଷ ୭୩ ହଜାର ୭୫୦ ଟଙ୍କା ଆସିଥିଲେ ବି ମାତ୍ର ୨ଟି ସ୍କୁଲରେ ୯୭ ହଜାର ୯୪୮ ଟଙ୍କା ଏବଂ ୪୩ ହଜାର ୨୫୬ ଟଙ୍କା ଖର୍ଚ୍ଚ ହୋଇଥିଲା। ଏପଟେ ରାଜ୍ୟରେ ଷ୍ଟାର ଯୋଜନାରେ ପିଲା ନାମ ଲେଖାଇନଥିବାବେଳେ କେନ୍ଦ୍ରରୁ ଆସିଥିବା ଅନୁଦାନ ଅର୍ଥ କୁଆଡେ ଗଲା ବୋଲି ପ୍ରଶ୍ନ ଉଠାଇଛି ବିଜେପି। ବାରମ୍ବାର କେନ୍ଦ୍ର ଅନୁଦାନ ଦେଉନଥିବା ଅଭିଯୋଗ ➤ ପୃ-୬

**ଶିଶୁ ଯୌନ ଶୋଷଣକୁ ନେଇ ନୋଟିସ୍ ପଠାଇଲା ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ**

## ବିଷୟବସ୍ତୁ ହଟାଇବାକୁ ଚେତାବନୀ

**ନୂଆଦିଲ୍ଲୀ,(ପିଆଇବି):** ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ସୋସିଆଲ ମିଡିଆ ମାଧ୍ୟମ ଏକ୍ସ, ୟୁଟ୍ୟୁବ ଏବଂ ଟେଲିଗ୍ରାମ୍‌କୁ ନୋଟିସ ଜାରି କରି ଭାରତୀୟ ଇଣ୍ଟରନେଟରେ ସେମାନଙ୍କ ପ୍ଲାଟଫର୍ମରୁ ଶିଶୁ ଯୌନ ଶୋଷଣ ସମ୍ପର୍କିତ ବିଷୟବସ୍ତୁ (ସିଏସଏଏମ୍) ହଟାଇବାକୁ ଚେତାବନୀ ଦେଇଛି। ଏହି ପ୍ଲାଟଫର୍ମ ଗୁଡିକୁ ଦିଆଯାଇଥିବା ନୋଟିସ୍ ଗୁଡିକ ସେମାନଙ୍କ ପ୍ଲାଟଫର୍ମରେ କୌଣସି ସିଏସଏଏମ୍‌କୁ ତୁରନ୍ତ ଏବଂ ସ୍ଥାୟୀ ଭାବରେ ହଟାଇବା କିମ୍ବା ଆକସେସ୍‌କୁ ଅକ୍ଷମ କରିବା ଉପରେ ଗୁରୁତ୍ୱାରୋପ କରନ୍ତି। ଭବିଷ୍ୟତରେ ସିଏସଏଏମ୍ର ପ୍ରସାରକୁ ରୋକିବା ପାଇଁ ବିଷୟବସ୍ତୁ ମଡରେସନ୍ ଆଲଗୋରିଦମ୍ ଏବଂ ରିପୋର୍ଟିଂ ମେକାନିଜମ୍ ଭଳି ସକ୍ରିୟ ପଦକ୍ଷେପ ଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ସେମାନେ ଆହ୍ୱାନ ଦେଇଛନ୍ତି। ଏମଇଆଇଟିଆଇର ଏହି ନୋଟିସରେ କୁହାଯାଇଛି ଯେ ଏହି ଆବଶ୍ୟକତାକୁ ପାଳନ ନକରିବା ଆଇଟି ନିୟମ, ୨୦୨୧ର ନିୟମ ୩(୧)(ବି) ଏବଂ ନିୟମ ୪(୪)ର ଉଲ୍ଲଂଘନ ବୋଲି ବିବେଚନା କରାଯିବ। ମନ୍ତ୍ରଣାଳୟ ତିନୋଟି ସୋସିଆଲ ମିଡିଆ ମଧ୍ୟସ୍ଥିଙ୍କୁ ଚେତାବନୀ ଦେଇଛି ଯେ ନୋଟିସ୍ ପାଳନ କରିବାରେ ବିଳମ୍ବ ହେଲେ ଆଇଟି ଆଇନର ଧାରା ୭୯ ଅନୁଯାୟୀ ସେମାନଙ୍କ ସୁରକ୍ଷିତ ଆଶ୍ରୟ ସୁରକ୍ଷା ପ୍ରତ୍ୟାହାର କରାଯିବ, ଯାହା ବର୍ତ୍ତମାନ ସେମାନଙ୍କୁ ଆଇନଗତ ଦାୟିତ୍ୱରୁ ରକ୍ଷା କରୁଛି। କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟମିତା ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ରାଜୀବ ଚନ୍ଦ୍ରଶେଖର କହିଛନ୍ତି ଯେ ଆମେ ଏକ୍ସ, ୟୁଟ୍ୟୁବ ଏବଂ ଟେଲିଗ୍ରାମ ଯେପରି ସେମାନଙ୍କ ➤ ପୃ-୬

## 'ବିଜେଡି ସରକାରର ଏକଛତ୍ରବାଦ ଶାସନକୁ ବରଦାସ୍ତ କରିବେ ନାହିଁ ଓଡ଼ିଶାବାସୀ'

କନ୍ଧମାଳ/ଭୁବନେଶ୍ୱର : ସାରା ବିଶ୍ୱର ୭୫ଭାଗ ହଳଦୀ ଭାରତରେ ଉତ୍ପାଦନ ହୁଏ ଏବଂ ଭାରତବର୍ଷ ବିଦେଶକୁ ୬୨ପ୍ରତିଶତ ହଳଦୀ ରପ୍ତାନୀ କରେ। ହଳଦୀ ଚାଷରେ ଭାରତ ୫ମ ରାଜ୍ୟ ହେଉଛି ଓଡିଶା। ୨୦୩୦ ମସିହା ସୁଦ୍ଧା ଭାରତର ହଳଦୀ ରପ୍ତାନୀର ମୂଲ୍ୟ ୧ବିଲିୟନ ଆମେରିକା ଡଲାରକୁ ପହଂଚାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି କେନ୍ଦ୍ରର ମୋଦି ସରକାର। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦିଜୀ "ଜାତୀୟ ହଳଦୀ ବୋର୍ଡ" ଗଠନ କରିଛନ୍ତି।



ଦକ୍ଷତା ବିକାଶ ବିଭାଗ, ପାରିପାର୍ଶ୍ୱିକ ପ୍ରଶିକ୍ଷଣ, ହଳଦୀ ଚାଷ ପାଇଁ ପ୍ରୋତ୍ସାହନ, ଧାର୍ଯ୍ୟ ବଜାର ଦର, ଆବଶ୍ୟକୀୟ ବ୍ୟବସ୍ଥା 'ଜାତୀୟ ହଳଦୀ ବୋର୍ଡ'ର ପରିସର ଭିତରେ ରହିବ। ଏହା ଦ୍ୱାରା ବିଶେଷ ଭାବେ ପ୍ରସିଦ୍ଧ ଲାଭ କରିଥିବା କନ୍ଧମାଳ ଜିଲ୍ଲାର ହଳଦୀର ଚାହିଦା ବୃଦ୍ଧି ପାଇବା ସହିତ ଜିଲ୍ଲାର ଚାଷୀ ଭାଇଭଉଣୀମାନେ ସର୍ବାଧିକ ଲାଭାନ୍ୱିତ ହେବ ଏବଂ ତାଙ୍କର ଆର୍ଥୀକ ଅଭିବୃଦ୍ଧି ହେବ । ଓଡିଶା ସମେତ କନ୍ଧମାଳର ଲକ୍ଷାଧିକ ହଳଦୀ ଚାଷୀଙ୍କ ମନବଳ ଦୃଢ଼ କରିବା ସହ ତାଙ୍କୁ ଆଗକୁ ବଢ଼ିବାର ନୂଆପଥ ଦେଖାଇଥିବାରୁ ଓଡ଼ିଶାବାସୀ ତଥା କନ୍ଧମାଳର ହଳଦୀ ଚାଷୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ। କନ୍ଧମାଳ ଗସ୍ତରେ ଥିବା ରାଜ୍ୟ ସଭାପତି ଶ୍ରୀ ସାମଲ ବାଲିଗୁଡାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଓଡ଼ିଶାରେ ୫୬ ପ୍ରତିଶତ ଜଙ୍ଗଲ ସମ୍ପଦ ରହିଛି। କନ୍ଧମାଳ ଜିଲ୍ଲା ପ୍ରାକୃତିକ ସମ୍ପଦ, ଉର୍ବର ମାଟି, ପର୍ଯ୍ୟଟନ, ଖଣିଜ ପଦାର୍ଥରେ ଭରପୁର, ➤ ପୃ-୬

## ବକ୍ରବାଣୀ



ଚାରିଆଡ଼େ ଏବେ ଗୋଟିଏ କଥା
ଝୁଅଟା କିଏ ସେ କାହୁଁ ଅଇଲା
ଘଷା ମୋଡ଼ା କରି ବଡ଼ ଶ୍ରଦ୍ଧାରେ
ବୁଢ଼ାଟାକୁ ଟୋକା ବନେଇ ଦେଲା
ବୁଢ଼ା ବୟସରେ ଟୋକାଟେ ପରି
ଆଖି ମାରୁଥାଏ ମୁରୁକି ହସି
ସତେକି ସରମ ଛାଡ଼ି ଗଲାଣି
ଚୁମା ଦେଇ ଦିଏ ମଞ୍ଚରେ ବସି
ନାନୀକି ବିରୋଧ କରିବ ଯିଏ
ଚାକର ଆଖିରେ ପାଗଳା ସିଏ।

—— ଟୁଟୁ

**ସିଏଜି ରିପୋର୍ଟ**

## ରାଜସ୍ୱ ଓ ଆର୍ଥିକ ଦୃଷ୍ଟିରୁ ଓଡ଼ିଶା ବଳକା ରାଜ୍ୟ

**ଭୁବନେଶ୍ୱର :** ରାଜ୍ୟ ଅଭିବୃଦ୍ଧି ପଥରେ ଆଗେଇ ଚାଲିଛି। ୨୦୨୧-୨୨ ଆର୍ଥିକବର୍ଷରେ ଓଡ଼ିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ସାମ୍ପ୍ରତିକ ମୂଲ୍ୟରେ ୬,୩୮,୩୪୨ କୋଟି ଟଙ୍କା ରହିଥିଲା। ସ୍ଥିର ମୂଲ୍ୟରେ ଏହା ୪,୨୭,୫୯୨ କୋଟି ଟଙ୍କା ରହିଛି। ତେବେ ପୂର୍ବ ବର୍ଷ ତୁଳନାରେ ଜିଏସ୍ତିପିରେ ୧୭.୫୮ ଅଭିବୃଦ୍ଧି ଘଟିଛି। ୨୦୨୧-୨୨ରେ ଜିଏସ୍‌ଡିପିକୁ ସେବା କ୍ଷେତ୍ରର ଯୋଗଦାନ ସର୍ବାଧିକ ୩୪.୬୭ ପ୍ରତିଶତ ରହିଥିଲା। ଏହାପଛକୁ ଶିଳ୍ପ କ୍ଷେତ୍ରର ଯୋଗଦାନ ୩୪.୩୫ ପ୍ରତିଶତ ରହିଛି। ଏସବୁ ସଫଳତା ପାଇଁ ଓଡ଼ିଶା ରାଜସ୍ୱ ଓ ଆର୍ଥିକ ଦୃଷ୍ଟିରୁ ଏକ ବଳକା ରାଜ୍ୟରେ ପରିଣତ ହୋଇଛି। ଅଦିନିଆ ବର୍ଷାରେ ଫସଲହାନୀ ସତ୍ତ୍ୱେ ରାଜ୍ୟର କୃଷି କ୍ଷେତ୍ରରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଥିବା ଭାରତର ଲେଖା ନିୟନ୍ତ୍ରକ ତଥା ମହଲେଖା ପରୀକ୍ଷକ (ସିଏଜି)ଙ୍କ ରିପୋର୍ଟରୁ ଜଣାପଡିଛି। ଓଡିଶା ବିଧାନସଭାରେ ଅର୍ଥମନ୍ତ୍ରୀ ବିକ୍ରମ



କେଶରୀ ଆରୁଖ୍ ସିଏଜି ରିପୋର୍ଟ ଉପସ୍ଥାପନ କରିଥିଲେ। ଏହାପରେ ଅପରାହ୍ନରେ ସ୍ଥାନୀୟ ପ୍ରଧାନ ମହାଲେଖାକାର ଅଡିଟ-୧ଙ୍କ ଆନୁକୂଲ୍ୟରେ ଏଜି ସମ୍ମିଳନୀ କକ୍ଷଠାରେ ଏକ ଖବରଦାତା ସମ୍ମିଳନୀରେ ପ୍ରଧାନ ମହାଲେଖାକାର ରାଜ କୁମାର ରିପୋର୍ଟ ସମ୍ପର୍କରେ ସୂଚନା ଦେଇଥିଲେ। ରିପୋର୍ଟ ଅନୁଯାୟୀ, ୨୦୨୧-୨୨ରେ ଓଡ଼ିଶା ଜିଡିପିକୁ କୃଷି କ୍ଷେତ୍ରର ଯୋଗଦାନ ୧୭.୯୧ ପ୍ରତିଶତ ରହିଥିଲା। ୨୦୨୧ ଡିସେମ୍ବରରେ ଅଣମୌସୁମୀ ବର୍ଷା ,ବାତ୍ୟା ଜୱାଦ୍ର ପ୍ରକୋପରେ ବ୍ୟାପକ ଫସଲ ହାନୀ ହେବା ସତ୍ତ୍ୱେ ରାଜ୍ୟର କୃଷି କ୍ଷେତ୍ରରେ ୧.୭୦ ପ୍ରତିଶତ ଅଭିବୃଦ୍ଧି ହୋଇଥିଲା। କୃଷି କ୍ଷେତ୍ରର ସ୍ୱଳ୍ପ ଅଭିବୃଦ୍ଧି ସତ୍ତ୍ୱେ ଶିଳ୍ପ ଏବଂ ସେବା କ୍ଷେତ୍ରର ଦମ୍‌ଦାର ପ୍ରଦର୍ଶନ ଯୋଗୁ ସାମଗ୍ରିକ ଅଭିବୃଦ୍ଧି ୧୭.୫୮ ପ୍ରତିଶତରେ ପହଞ୍ଚିଥିଲା। ଏଥିରେ ସର୍ବାଧିକ ଅଭିବୃଦ୍ଧି ହାର ଉପଉପାଦାନ କ୍ଷେତ୍ର, ଖଣି ଓ ଖଣିଜ ଏବଂ ସାଧାରଣ ପ୍ରଶାସନ ଓ ନିର୍ମାଣ କ୍ଷେତ୍ରରେ ଦେଖାଯାଇଥିବା ସିଏଜି ରିପୋର୍ଟରେ ଦର୍ଶାଯାଇଛି। ରାଜ୍ୟର ଆର୍ଥିକ ସ୍ଥିତିକୁ ନଜର ପକାଇଲେ ଜଣାପଡିବ ଯେ ୨୦୨୧-୨୨ରେ ଓଡ଼ିଶା ୪୩,୪୭୧ କୋଟି ଟଙ୍କାର ଏକ ରାଜସ୍ୱ ବଳକା ଓ ୨୦,୬୨୭ କୋଟି ଟଙ୍କାର ଆର୍ଥିକ ବଳକା ହାସଲ କରିଥିଲା। ଏହି ସମୟରେ ରାଜ୍ୟର ରାଜସ୍ୱ ବଳକା ପୂର୍ବବର୍ଷର ରାଜସ୍ୱ ବଳକା ୯୦୭୬ କୋଟି ଟଙ୍କାଠାରୁ ଉଲ୍ଲେଖନୀୟ ଭାବରେ ୩୭୯ ପ୍ରତିଶତ ବୃଦ୍ଧି ପାଇଥିଲା। ସେହିପରି ପୂର୍ବବର୍ଷ ତୁଳନାରେ, ୨୦୧୨-୨୨ରେ ରାଜସ୍ୱ ପ୍ରାପ୍ତିରେ ୪୮,୬୭୨ କୋଟି ଟଙ୍କାର ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଥିଲାବେଳେ ରାଜସ୍ୱ ➤ ପୃ-୬

## ଧର୍ମେନ୍ଦ୍ରଙ୍କ ଇଚ୍ଛା ଓଡିଶାରୁ ଲୋକସଭା ନିର୍ବାଚନ ଲଢ଼ିବେ

**ନୂଆଦିଲ୍ଲୀ/ଭୁବନେଶ୍ୱର :** ୨୦୨୪ ମସିହାରେ ହେବାକୁ ଥିବା ଲୋକସଭା ନିର୍ବାଚନ ଲଢ଼ିବା ପାଇଁ ମୁଁ ଚାହୁଁଛି ଆଉ ଦଳ ପାଖରେ ମୋତେ ଏକ ସୁଯୋଗ ଦେବାକୁ ଅନୁରୋଧ ମଧ୍ୟ କରିଛି। ୨୦୨୪ ଲୋକସଭା ନିର୍ବାଚନକୁ ଆଉ କେଇ ମାସ ବାକି ରହିଥିବାବେଳେ ଆଜି ଏକ ସାକ୍ଷାତକାରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। କେନ୍ଦ୍ର ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ସେ ଆସନ୍ତା ବର୍ଷ ଲୋକସଭା ନିର୍ବାଚନରେ ଓଡିଶାରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁଛନ୍ତି। ନ୍ୟୁଜ୍ ଏଜେନ୍ସି ପିଟିଆଇ ସହିତ ଏକ ସାକ୍ଷାତକାରରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ମୁଁ ୨୦୨୪ ମସିହାରେ ଓଡିଶାରୁ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁଛି । ମୁଁ ଏ ସମ୍ପର୍କରେ ଦଳକୁ ଅନୁରୋଧ କରିଛି।" ଏହି ସାକ୍ଷାତକାରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, "ମୁଁ ବିରୋଧୀ ମେଣ୍ଟ 'ଇଣ୍ଡିଆ'କୁ ମଧ୍ୟ ଏକ ଆହ୍ୱାନ ବୋଲି ମନେ



କରେ। ବିଜେପି ଏବଂ ଏନଡିଏର ଲୋକମାନେ କୌଣସି ନିର୍ବାଚନକୁ ହାଲୁକା ଭାବେ ଗ୍ରହଣ କରନ୍ତି ନାହିଁ।ସେ କହିଛନ୍ତି ଯେ ବିଜେପିର ଏଜେଣ୍ଡା ହେଉଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତୃତୀୟ ଥର ପାଇଁ ଦେଶର ସେବା କରିବା ପାଇଁ ସୁଯୋଗ ମିଳୁ । ଚଳିତ ବର୍ଷ ଶେଷରେ ହେବାକୁ ଥିବା ତେଲେଙ୍ଗାନା, ଛତିଶଗଡ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ବିଧାନସଭା ନିର୍ବାଚନକୁ ନେଇ ଧର୍ମେନ୍ଦ୍ର ଦାବି କରିଛନ୍ତି ଯେ ଏଠାରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ ବିଜେପି ସରକାର ଗଠନ କରିବ। ➤ ପୃ-୬

**ସାମ୍ବାଦିକ ସମ୍ମିଳନୀ କରି ଗର୍ଜିଲା କଂଗ୍ରେସ**

## ମୋଦି ସରକାର ଛାନିଆ କାହିଁକି

**ଭୁବନେଶ୍ୱର :** ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ତଥା ପୂର୍ବତନମନ୍ତ୍ରୀ ଗଣେଶ୍ୱର ବେହେରା ବିଜେପି ଦ୍ୱାରା ରାହୁଲ ଗାନ୍ଧୀଙ୍କୁ ରାବଣ ରୂପେ ଚିତ୍ରିତ କରାଯାଇ ଯେଉଁ ପୋଷ୍ଟର ସାମାଜିକ ଗଣମାଧ୍ୟମରେ ପ୍ରସାରଣ କରାଯାଇଛି ତାହାର ଦୃଢ଼ ନିନ୍ଦା କରିବା ସହ କହିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କର ଜନପ୍ରିୟତା ଏବଂ ଗ୍ରହଣୀୟତାକୁ ବିଜେପି ଓ ମୋଦି ସରକାର ଭୟ କରୁଛନ୍ତି। ଏଣୁ ଜନସାଧାରଣରେ ଜନନାୟକ ରାହୁଲ ଗାନ୍ଧୀଙ୍କର ଛବିକୁ ମଳିନ କରିବା ପାଇଁ ମୋଦୀ ସରକାର ଷଡ଼ଯନ୍ତ୍ର କରୁଛି। ଏହା ଘୃଣା, ହିଂସା ଓ ଇର୍ଷାର ରାଜନୀତି ବୋଲି ଶ୍ରୀ ବେହେରା କହିଛନ୍ତି। କ୍ଷମତାର ଅହମିକା ସବୁକାଳର ସୀମା ଟପିଛି, ତା' ସହିତ ଅସହିଷ୍ଣୁତା ମଧ୍ୟ ସବୁ କାଳର ସୀମା ଟପିଛି। ରାଜନୀତିରେ ଏବଂ ଗଣତନ୍ତ୍ରରେ ସମାଲୋଚନା କରାଯାଏ। ମାତ୍ର ସବୁର ଗୋଟେ ଲକ୍ଷ୍ମଣରେଖା ଥାଏ। ବିଜେପି ଏତେ ଛାନିଆ କାହିଁକି? ରାହୁଲ ଗାନ୍ଧୀଙ୍କ ପ୍ରତି ଏତେ ଭୟ କାହିଁକି? ମୋଦି ସରକାର ଏତେ ଆତଙ୍କିତ କାହିଁକି? କ୍ଷମତାର ଔଦ୍ଧତ୍ୟର ଏ ହେଉଛି ଏକ ନିଛକ ପ୍ରତିଫଳନ। ରାହୁଲ ଗାନ୍ଧୀଙ୍କୁ ହିନ୍ଦୁ ବିରୋଧି ଭାବରେ ଆକ୍ଷେପ କରାଯାଉଛି। ଏହି କୁତ୍ସାରଟନା କେବଳ ଭୟ ଏବଂ ଆତଙ୍କିତ ପରିସ୍ଥିତିରୁ ଜନ୍ମ ନେଇଛି। ରାହୁଲ ଗାନ୍ଧୀଙ୍କୁ ଭାରତର ବିନାଶ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରଚାର କରାଯିବା ଦୁର୍ଭାଗ୍ୟଜନକ। ଯିଏ ଭାରତକୁ ଯୋଡ଼ିବା ପାଇଁ ଭାରତ ଯୋଡ଼ ଯାତ୍ରା କରି କାଶ୍ମିରରୁ କନ୍ୟାକୁମାର ପର୍ଯ୍ୟନ୍ତ ପ୍ରାୟ ୪ ହଜାର କିଲୋମିଟର ପଦଯାତ୍ରା କଲେ। ଜାତି, ଭାଷା, ବର୍ଣ୍ଣ ଓ ଧର୍ମ ଭିତିରେ ବିଭାଜନକୁ ସେ ବିରୋଧ କରିଥିଲେ। ସମସ୍ତଙ୍କୁ ଏକାଠି କରିବା ପାଇଁ ପ୍ରୟାସ କରୁଥିଲେ। ଯିଏ ଦେଶ ପାଇଁ ତାଙ୍କର ବାପାଙ୍କୁ, ଜେଜେମାଙ୍କୁ ହରାଇଛନ୍ତି, ତାଙ୍କୁ ଏପରି ଆକ୍ଷେପ କରିବା କେତେଦୂର ସମିଚୀନ ଏହାକୁ ସାଧାରଣ ଜନତା ବିଚାର କରିବେ। ଏହା କେବଳ ମୋଦୀ ସରକାର ଓ ବିଜେପିର ରୁଗଣ ମାନସିକତା। ଶ୍ରୀ ବେହେରା ରାହୁଲ ଗାନ୍ଧୀଙ୍କର ସଦ୍ୟ ପ୍ରକାଶିତ ପ୍ରବନ୍ଧ-"ସତ୍ୟମ୍ ଶିବମ୍ ସୁନ୍ଦରମ୍" ଉପରେ କହିଥିଲେ। ଏହି ପ୍ରବନ୍ଧରେ ରାହୁଲ ଜୀ ହିନ୍ଦୁ ଧର୍ମ କ'ଣ, ହିନ୍ଦୁ କିଏ ଓ ହିନ୍ଦୁ ଧର୍ମର ଉଦ୍ଦେଶ କ'ଣ ତାହା ଉପରେ ନିଜସ୍ୱ ମତରଖିଥିଲେ। ତାଙ୍କର ଲେଖାରୁ ହିନ୍ଦୁ ଧର୍ମପ୍ରତି ତାଙ୍କର ଶ୍ରଦ୍ଧା, ସମ୍ମାନ କେତେ ଓ ଅନୁରକ୍ତି କେତେ ତାହା ସ୍ପଷ୍ଟ ପ୍ରମାଣିତ। ରାହୁଲ ଗାନ୍ଧୀ କହିଥିଲେ ଭୟର ଗଭୀରତାକୁ ପଶିବାର କ୍ଷମତା ଯିଏ ରଖିଛି ଓ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** — ମନ ଅସ୍ଥିର ରହିବ। ଆୟ ତୁଳନାରେ ବ୍ୟୟ ବୃଦ୍ଧି ହୋଇପାରେ। ପରିବାରରେ ସମୟ କଟିବ। କାର୍ଯ୍ୟକ୍ଷେତରେ ବଦଳି ଯୋଗ ଅଛି। ଦମ୍ପତିଙ୍କ ମଧ୍ୟରେ ଥିବା ଦୂରତା ଧୀରେ ଧୀରେ କମିବ। ପ୍ରତିକାର : ସୋମବାର ଶିବଲିଙ୍ଗରେ ଜଳ ଅର୍ପଣ କରନ୍ତୁ।

**ବୃଷ** — ପରୀକ୍ଷା ନିରୀକ୍ଷା ପରେ ବ୍ୟବସାୟରେ ଧନ ଖଟାନ୍ତୁ। ଛାତ୍ରମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହୁଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇବେ। ପ୍ରେମୀମାନଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ ହେବ। ପ୍ରତିକାର : ମହାଲକ୍ଷ୍ମୀଙ୍କ ଶ୍ରୁତି ପାଠ କରନ୍ତୁ।

**ମିଥୁନ** — ବେପାର ପାଇଁ ସମୟ ଅନୁକୂଳ। ସରକାରୀ କ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଅନ୍ୟ କଥଣରେ ପରିଚାଳିତ ହେଲେ ବ୍ୟାପକ କ୍ଷତି ହେବ। ପ୍ରତିକାର : ବୁଧବାର ଦିନ ଗଣେଶ ଭଗବାନଙ୍କୁ ଦୁବ ଅର୍ପଣ କରନ୍ତୁ।

**କର୍କଟ** — ପୁରୁଣା ରୋଗରୁ ମୁକ୍ତି ମିଳିବ। ଆୟରେ ବୃଦ୍ଧି ହେବ। ପ୍ରେମରେ ପଡିପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ। ବିଦେଶ ଭ୍ରମଣ ଯୋଗ ଅଛି। ପ୍ରତିକାର : ମହାଲକ୍ଷ୍ମୀ ଚାଳିଶା ପାଠ କରନ୍ତୁ। ଗାଇ ଘିଅ ଦିପ ଜାଳନ୍ତୁ।

**ସିଂହ** — ରକ୍ତଚାପ ବଢ଼ିପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠଙ୍କ ସହଯୋଗ ମିଳିବ। ବାପା ଓ ମାଆଙ୍କ ସହଯୋଗ ପାଇବେ। ପ୍ରତିକାର : ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**କନ୍ୟା** — ମନରେ ଉତ୍କଣ୍ଠା ବଢ଼ିପାରେ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦେବେ। ପରିବାରରେ ସମୟ କଟିବ। କୌଣସି ନୂଆ ଲୋକ ଆସିବାର ଖବର ପାଇବେ। ପ୍ରତିକାର : ମା' ଲକ୍ଷ୍ମୀଙ୍କୁ ଲବଙ୍ଗ ଅର୍ପଣ କରନ୍ତୁ ଓ ଘରେ କର୍ପୂର ଆଳତୀ କରନ୍ତୁ।

**ତୁଳା** — ଘରେ ଥିବା ପିଲାଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। କାର୍ଯ୍ୟକ୍ଷେତ୍ରରେ ସହଯୋଗୀଙ୍କୁ ପ୍ରଭାବିତ କରିପାରନ୍ତି। ପୁରୁଣା ପ୍ରେମୀଙ୍କ ଆଗମନ ହୋଇପାରେ। ଖର୍ଚ୍ଚ ବୃଦ୍ଧି ହୋଇପାରେ। ପ୍ରତିକାର : ମା'ଲକ୍ଷ୍ମୀଙ୍କୁ ଗୋଲାପ ଅତର ଦିଅନ୍ତୁ।

**ବିଛା** — ସ୍ୱାସ୍ଥ୍ୟ ଉତ୍ତମ ରହିବ। ନୂଆ ଚାକିରି ମିଳିପାରେ। ଛାତ୍ରମାନେ ପାଠରୁ ଦୂରେଇ ପାରନ୍ତି। ଦାମ୍ପତ୍ୟ ଜୀବନରେ ମଧୁରତା ବଢ଼ିବ। ବାପା ମାଆଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ପ୍ରତିକାର : ହନୁମାନ ଚାଳିଶା ଓ ବଜରଙ୍ଗ ବାଣ ପାଠ କରନ୍ତୁ।

**ଧନୁ** — ଆପଣଙ୍କ ବ୍ୟକ୍ତିତ୍ୱ ପ୍ରତି ଅନ୍ୟମାନେ ଆକର୍ଷିତ ହୋଇପାରନ୍ତି। ସଞ୍ଚୟରେ ବୃଦ୍ଧି ହେବ। ସମ୍ମାନ ବଢ଼ିବ। ପଦୋନ୍ନତି ହୋଇପାରେ। ତରବରିଆ ନିଷ୍ପତ୍ତି ନିଅନ୍ତୁ ନାହିଁ। ପ୍ରତିକାର : ଭଗବାନ ବିଷ୍ଣୁ ଓ ମାଁ ଲକ୍ଷ୍ମୀଙ୍କୁ ଏକତ୍ର ପୂଜା କରନ୍ତୁ।

**ମକର** — ଭାଗୀଦାର ବ୍ୟବସାୟ ପାଇଁ ସମୟ ଅନୁକୂଳ। ବାଣୀରେ ଲଗାମ ଦିଅନ୍ତୁ। ଆୟରେ ବୃଦ୍ଧି ହେବ। ଦମ୍ପତିଙ୍କ ମଧ୍ୟରେ ମତାନ୍ତର ହୋଇପାରେ। ପ୍ରତିକାର : ଓଁ ର ଜପ ଖାଲି ସମୟରେ କରନ୍ତୁ।

**କୁମ୍ଭ** — ମନରେ ସ୍ଥିରତା ଆସିବ। ବନ୍ଧୁମାନେ ସାକ୍ଷାତ ହୋଇପାରନ୍ତି। ପୂର୍ବ କରିଥିବା ପରିଶ୍ରମର ଫଳ ପାଇବେ। ଆର୍ଥିକ ସମସ୍ୟା ଦୂରହେବ। ଛାତ୍ରମାନେ ସଫଳତା ପାଇବେ। ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ। ପ୍ରତିକାର : ଶନିସ୍ତୋତ୍ର ପାଠ କରନ୍ତୁ।

**ମୀନ** — ଯାତ୍ରା କରିପାରନ୍ତି। କୌଣସି ଶୁଭ ଖବର ପାଇପାରନ୍ତି। ବ୍ୟବସାୟରେ ଉନ୍ନତି ହେବ। ଦମ୍ପତି ମାନଙ୍କ ଜଣଙ୍କର ଅନ୍ୟ ଜଣଙ୍କୁ ସମ୍ମାନ ବଢ଼ିବ। କାମରେ ବୋଝ ଯୋଗୁ କ୍ଳାନ୍ତ ହୋଇପାରନ୍ତି। ପ୍ରତିକାର : ଲୁଣପାଣିରେ ସ୍ନାନ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ସାତଫେରା ବିନା ବାହାଘର ଅବୈଧ : ଆହ୍ଲାବାଦ ହାଇକୋର୍ଟ



**ପ୍ରୟାଗରାଜ :** 'ସତପଦୀ' ଓ ଅନ୍ୟାନ୍ୟ ରୀତିନୀତି ବିନା ହିନ୍ଦୁ ବିବାହ ବୈଧ ନୁହେଁ ବୋଲି ଏକ ବିବାହ ମାମଲାରେ ରାୟ ଦେବା ବେଳେ ଆହ୍ଲାବାଦ ହାଇକୋର୍ଟ କହିଛନ୍ତି। ଛାଡ଼ପତ୍ର ନ ଦେଇ ତାଙ୍କଠାରୁ ପୃଥକ୍ ରହୁଥିବା ସ୍ତ୍ରୀ ଅନ୍ୟତ୍ର ବିବାହ କରିଥିବା ଅଭିଯୋଗ କରି ଜଣେ ବ୍ୟକ୍ତି ଉପରୋକ୍ତ ମାମଲା ଦାଏର କରିଥିଲେ। ଅଦାଲତ ଏହି ମାମଲାକୁ ଖାରଜ କରିଛନ୍ତି। ସଂଗୃହୀତ ସୂଚନା ଅନୁସାରେ, ୨୦୧୭ରେ ଉତ୍ତର ପ୍ରଦେଶର ମିର୍ଜାପୁରରେ ସ୍ମୃତି ସିଂହ ଓ ସତ୍ୟମ୍ ସିଂହଙ୍କ ବିବାହ ହୋଇଥିଲା। କିନ୍ତୁ, ଉଭୟଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ହେବାରୁ ସ୍ମୃତି ଶାଶୂଘର ଛାଡ଼ି ଚାଲିଯିବା ସହିତ ଯୌତୁକ ନିର୍ଯାତନା ଦିଆଯାଇଥିବା ଉଲ୍ଲେଖ କରି 'ଏଫ୍ଆଇଆର' ଦେଇଥିଲେ। ତଦନ୍ତ କରି ପୁଲିସ ସ୍ୱାମୀ ଓ ତାଙ୍କ ପରିବାର ଲୋକଙ୍କ ନାମରେ ମାମଲା ରୁଜୁ କରିଥିଲେ। କିନ୍ତୁ, ସ୍ମୃତି ଅନ୍ୟଜଣକୁ ବିବାହ କରିଛନ୍ତି ବୋଲି ସତ୍ୟମ୍ ଉଚ୍ଚ ପୁଲିସ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ତାହା ମିଛ ବୋଲି ମିର୍ଜାପୁର ସଦର ପୁଲିସ ଅଧିକାରୀ ତଦନ୍ତ କରି ଜାଣିପାରିଲେ। ପରେ ମାମଲାର ସମାଧାନ କରି ୨୦୨୧ ଜାନୁଆରି ୧୧ରେ ମିର୍ଜାପୁର ପରିବାର ଅଦାଲତର ବିଚାରପତି ସ୍ମୃତି ଅନ୍ୟତ୍ର ବିବାହ କରିବା ପର୍ଯ୍ୟନ୍ତ ଭରଣ ପୋଷଣ ବାବଦରେ ତାଙ୍କୁ ମାସିକ ୪୦୦୦ ଟଙ୍କା ଦେବା ପାଇଁ ସତ୍ୟମ୍‌ଙ୍କୁ ଆଦେଶ ଦେଇଥିଲେ। କିନ୍ତୁ, ସ୍ମୃତି ପୁନର୍ବିବାହ କରିସାରିଛନ୍ତି ବୋଲି ସତ୍ୟମ୍ ଅଦାଲତରେ ଅଭିଯୋଗ ଫାଇଲ୍ କରିଥିଲେ। ଅଭିଯୋଗ ଆଧାରରେ ମାଜିଷ୍ଟ୍ରେଟ୍ ସ୍ମୃତିଙ୍କୁ ସମନ୍ ଜାରି କରିବା ପରେ ସେ ହାଇକୋର୍ଟରେ ପିଟିସନ୍ ଦାଏର କରିଥିଲେ। ସ୍ମୃତି ସିଂହ ଫାଇଲ୍ କରିଥିବା ପିଟିସନ୍‌ର ଶୁଣାଣି ପାଇଁ ଅନୁମତି ଦେଇ ସେପ୍ଟେମ୍ବର ୧୯ ତାରିଖ ଦିନ ବିଚାରପତି ସଞ୍ଜୟ କୁମାର ସିଂହ କହିଲେ, ବିବାହ 'ସମ୍ପନ୍ନ' ଅର୍ଥ ନିର୍ଦ୍ଧାରିତ ରୀତିନୀତିରେ ବିବାହ କରାଯିବା। ନିର୍ଦ୍ଧାରିତ ରୀତିନୀତି ଓ ପଦ୍ଧତିରେ ଅନୁଷ୍ଠିତ ବିବାହକୁ 'ବିବାହ ସମ୍ପନ୍ନ' ହୋଇଛି ବୋଲି କୁହାଯାଇ ପାରିବ ନାହିଁ। ବିବାହ ଯଦି ବୈଧ ବିବାହ ନୁହେଁ, ଆଇନ ଦୃଷ୍ଟିରେ ତାହା ବିବାହ ନୁହେଁ। ହିନ୍ଦୁ ରୀତି ଅନୁସାରେ, ବିବାହର ବୈଧତା ପାଇଁ 'ସତପଦୀ' (ହୋମ ଅଗ୍ନି ଚାରିପଟେ ସାତ ଘେରା ବୁଲିବା) ହେଉଛି ଅତ୍ୟାବଶ୍ୟକ ରୀତିଗୁଡ଼ିକରୁ ଗୋଟିଏ। ଅଭିଯୋଗ ହୋଇଥିବା ସ୍ମୃତିଙ୍କ ଦ୍ୱିତୀୟ ବିବାହ ଅନୁଷ୍ଠାନରେ ଏ ସବୁ ହୋଇ ନାହିଁ ବୋଲି ଅଦାଲତ କହିଛନ୍ତି।

## କେବୁଲ ଟେଲିଭିଜନ ନେଟୱାର୍କ ନିୟମ, ୧୯୯୪ରେ ସଂଶୋଧନ

**ନୂଆଦିଲ୍ଲୀ, (ପିଆଇବି):** ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ କେବୁଲ ଟେଲିଭିଜନ ନେଟୱାର୍କ ନିୟମ, ୧୯୯୪ରେ ସଂଶୋଧନ ବିଜ୍ଞପ୍ତି ଜାରି କରିଛି। ଏଥିରେ କେବୁଲ ଟେଲିଭିଜନ ନେଟୱର୍କ (ନିୟନ୍ତ୍ରଣ) ଆଇନର, ୧୯୯୫ର ବ୍ୟବସ୍ଥାକୁ ଅପରାଧମୁକ୍ତ କରାଯାଇଛି। ନୂଆ ନିୟମକୁ କାର୍ଯ୍ୟକାରୀ କରିବା ପାଇଁ କାର୍ଯ୍ୟକାରୀ ବ୍ୟବସ୍ଥା ପ୍ରଦାନ କରାଯାଇଛି। ଏହା ପୂର୍ବରୁ ଏହି ମନ୍ତ୍ରଣାଳୟ ଏକ ବିଜ୍ଞପ୍ତି ଜାରି କରି ୩ ଅକ୍ଟୋବର ୨୦୨୩କୁ ସେହି ତାରିଖ ଭାବେ ନିର୍ଦ୍ଧାରିତ କରିଥିଲା ଯେଉଁ ତାରିଖ ଠାରୁ କେବୁଲ ଟେଲିଭିଜନ ନେଟୱର୍କ (ନିୟନ୍ତ୍ରଣ) ଆଇନ, ୧୯୯୫ ସମ୍ବନ୍ଧରେ ଜନ ବିଶ୍ୱାସ (ବ୍ୟବସ୍ଥା ସଂଶୋଧନ) ଆଇନ, ୨୦୨୩ ଏବଂ ଏହାର କାର୍ଯ୍ୟସୂଚୀରେ ଥିବା ଏଣ୍ଟ୍ରିଗୁଡ଼ିକ କାର୍ଯ୍ୟକାରୀ ହୋଇଛି।

### ଇଡିକୁ ସୁପ୍ରିମ୍‌କୋର୍ଟଙ୍କ ଭର୍ତ୍ସନା

# 'ତଦନ୍ତରେ ସ୍ୱଚ୍ଛତା ଅବଲମ୍ବନ କର'



**ନୂଆଦିଲ୍ଲୀ :** ଜାତୀୟ ତଦନ୍ତକାରୀ ସଂସ୍ଥା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା। ତଦନ୍ତରେ ସ୍ୱଚ୍ଛତା ଅବଲମ୍ବନ କର। ଏକ ଠକେଇ ତଦନ୍ତ ମାମଲାର ଶୁଣାଣି କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ଏହି ପରାମର୍ଶ ଦେଇଛନ୍ତି ସୁପ୍ରିମକୋର୍ଟ। ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ହୋଇଥିବା ୨ ଗିରଫଦାରୀକୁ ରଦ୍ଦ କରିଛନ୍ତି ସୁପ୍ରିମକୋର୍ଟ। ଆକ୍ରୋଶମୂଳକ ଭାବେ ପ୍ରତିଶୋଧ ପରାୟଣ ନହୋଇ ତଦନ୍ତରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆପଣାଇବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ପରାମର୍ଶ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଏହାସହ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ସମସ୍ତ କାର୍ଯ୍ୟ ଓ ପଦକ୍ଷେପରେ ସ୍ୱଚ୍ଛତା ରହିବା ଆବଶ୍ୟକ ବୋଲି କହିଛନ୍ତି ସୁପ୍ରିମକୋର୍ଟ। ହରିୟାଣାର ଏକ ଅର୍ଥ ହେରଫେର ମାମଲାରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଂଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଦୁଇ ଅଭିଯୋଗକାରୀ। ହାଇକୋର୍ଟ ଏହି ଦୁଇ ଅଭିଯୋଗକାରୀଙ୍କ ଆବେଦନକୁ ଖାରଜ କରି ଦେଇଥିଲା। ଦୁଇ ଅଭିଯୋଗକାରୀଙ୍କୁ ଗତ ଜୁନ ୧୪ ତାରିଖରେ ଅର୍ଥ ହେରଫେର ମାମଲାର ତଦନ୍ତ ଲାଗି ପଚରାଉଚରା କରିବାକୁ ଡାକିଥିଲା ଇଡି। ସେହି ଦିନ ଅନ୍ୟ ଏକ ନୂଆ ମାମଲା ରୁଜୁ କରି ତାଙ୍କୁ ସେଠାରେ ଗିରଫ କରାଯାଇଥିଲା। ଏହାକୁ ବିରୋଧ କରି ପ୍ରଥମେ ହାଇକୋର୍ଟ ଓ ପରେ ସୁପ୍ରିମକୋର୍ଟଙ୍କ ଦାରସ୍ଥ ହୋଇଥିଲେ ଦୁଇ ଅଭିଯୋଗକାରୀ।

### ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି ରିପୋର୍ଟ

# ଦେଶରେ ବେକାରୀ ହାର ହ୍ରାସ



**ନୂଆଦିଲ୍ଲୀ :** ଦେଶରେ ହ୍ରାସ ପାଇଛି ବେକାରୀ ସମସ୍ୟା। ପୂର୍ବ ରିପୋର୍ଟ ଅନୁଯାୟୀ ମାତ୍ର ବର୍ଷକରେ ଭାରତରେ ବେଶ ହ୍ରାସ ପାଇଛି ବେକାରୀ ସମସ୍ୟା। ସିଏମଆଇଇ ବା ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମିରେ ଦିଆଯାଇଥିବା ତଥ୍ୟରୁ ଏହା ଜଣାପଡିଛି। ଗତ ଅଗଷ୍ଟରେ ଏହା ୮.୧୦ % ଥିଲା , ଯାହା ସେପ୍ଟେମ୍ବରରେ ୭.୦୯ %କୁ ଖସି ଆସିଛି। ତେବେ ଯଦି ଦେଖାଯାଏ ତେବେ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଉଭୟ କ୍ଷେତ୍ରରେ ବେକାରୀ ସମସ୍ୟା ହ୍ରାସ ପାଇଛି। ଦୁର୍ବଳ ମୌସୁମୀ ବର୍ଷା ସତ୍ତ୍ୱେ ଗ୍ରାମୀଣ କ୍ଷେତ୍ରରେ ବେକାରୀ ହାର କମ୍ ହୋଇଛି। ତେବେ ସହରାଞ୍ଚଳରେ ଅଗଷ୍ଟରେ ୧୦.୦୯ % ତୁଳନାରେ ସେପଟ୍ଟେମ୍ବରରେ ୮.୯୪ %କୁ ଖସି ଆସିଛି। ଅନ୍ୟପକ୍ଷରେ ଗ୍ରାମୀଣ ବେକାରୀ ହାର ୭.୧୧% ରୁ ଖସି ୬.୨୦ % ହ୍ରାସ ପାଇଛି। ଭାରତରେ ପାର୍ବଣ ଋତୁ ପୂର୍ବରୁ ସହରୀ ବେକାରୀ ହାରରେ ହ୍ରାସ ଦେଖିବାକୁ ମିଳିଛି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦିଙ୍କ ନିଯୁକ୍ତି ଅଭିଯାନ ଜରିଆରେ ଦେଶର ବେକାରୀ ହାରରେ ହ୍ରାସ ଘଟିଥିବା ସିଏମଆଇଇ ଏହାର ରିପୋର୍ଟରେ ଉଲ୍ଲେଖ କରିଛି। ଗତମାସ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ନିଯୁକ୍ତି ଅଭିଯାନ ରୋଜଗାର ମେଳା ଅନ୍ତର୍ଗତ ୫୧,୦୦୦ ଲୋକଙ୍କୁ ନିଯୁକ୍ତିପତ୍ର ବାଣ୍ଟିଥିଲେ. ଏହା ପୂର୍ବରୁ ମଧ୍ୟ ପ୍ରଧାନମନ୍ତ୍ରୀ ରୋଜଗାର ମେଳା ଅନ୍ତର୍ଗତ ହଜାର ହଜାର ଯୁବକଯୁବତୀ ନିଯୁକ୍ତିପତ୍ର ବାଣ୍ଟିଛନ୍ତି. ତେବେ ଭାରତରେ ପାର୍ବଣ ଋତୁ ପୁର୍ବରୁ ସହରୀ ବେକାରୀ ସମସ୍ୟା ହ୍ରାସ ପାଇଥିବା ଦେଖିବାକୁ ମିଳିଛି।

### ସତର୍କ କଲା ବିଶ୍ୱ ବ୍ୟାଙ୍କ

# ୨୦୨୪ରେ ୫.୯% ଛୁଇଁବ ମୁଦ୍ରାସ୍ଫୀତି




**ନୂଆଦିଲ୍ଲୀ :** ଭାରତର ଅଭିବୃଦ୍ଧିକୁ ଦେଖି ସମଗ୍ର ବିଶ୍ୱ ବର୍ତ୍ତମାନ ଚକିତ। ବିଶ୍ୱ ବ୍ୟାଙ୍କ ହେଉ କିମ୍ବା ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ଭଳି ସମସ୍ତ ଆର୍ଥିକ ଏଜେନ୍ସି, ଭାରତର ଅଭିବୃଦ୍ଧିକୁ ନେଇ ଆଶ୍ୱସ୍ତ। ସମ୍ପ୍ରତି ଅଭିବୃଦ୍ଧି କ୍ଷେତ୍ରରେ ଚୀନ୍‌କୁ ଝଟ୍‌କା ଦେଇଛି ବିଶ୍ୱ ବ୍ୟାଙ୍କ। ଧୀରେଧୀରେ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ଅଭିବୃଦ୍ଧି କ୍ଷେତ୍ରରେ ମାନ୍ଦାବସ୍ଥାର ସମ୍ମୁଖୀନ ହେଉଛନ୍ତି। ହେଲେ ଏଥର ବିଶ୍ୱ ବ୍ୟାଙ୍କରୁ ଭାରତକୁ ବଡ଼ ଝଟ୍‌କା ଲାଗିଛି। ଦେଶକୁ ଏହି ଝଟ୍‌କା ଅଭିବୃଦ୍ଧି କ୍ଷେତ୍ରରେ ନୁହେଁ, ବରଂ ମୁଦ୍ରାସ୍ଫୀତିକୁ ନେଇ ମିଳିଛି। ବିଶ୍ୱ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ୬.୩ ପ୍ରତିଶତ ରହିବା ନେଇ ଆକଳନ କରିଥିବା ବେଳେ ମୁଦ୍ରାସ୍ଫୀତିକୁ ନେଇ ଚେତାବନୀ ଦେଇଛି। ୨୦୨୪ରେ ଭାରତରେ ମହଙ୍ଗା ମାଡ଼ ଜୋରଦାର ହେବ ବୋଲି ବିଶ୍ୱ ବ୍ୟାଙ୍କ ଆକଳନ କହିଛି। ଘରୋଇ ବଜାରରେ ଉପଯୋଗିତା ହାରରେ ହ୍ରାସ ଘଟିବା ଆଶଙ୍କା କରାଯାଉଛି। କାରଣ ମହାମାରୀ ପରେ ଭାରତ ଯେଉଁ ଅଭିବୃଦ୍ଧି ହାସଲ କରିଥିଲା, ଏବେ ତାହା ମନ୍ଥର ହେବାରେ ଲାଗିଛି। ଆଗାମୀ ଦିନରେ ଭାରତର ମୁଦ୍ରାସ୍ଫୀତିକୁ ନେଇ ବିଶ୍ୱ ବ୍ୟାଙ୍କ ଚିନ୍ତା ପ୍ରକଟ କରିଛି। ଭାରତରେ ମୁଦ୍ରାସ୍ଫୀତି ବଢ଼ିପାରେ ବୋଲି ବିଶ୍ୱ ବ୍ୟାଙ୍କ ସୂଚନା ଦେଇଛି। ବ୍ୟାଙ୍କ ଏହାର ଆକଳନରେ ମୁଦ୍ରାସ୍ଫୀତି ହାରରେ ୭୦ ବେସିସ୍ ପଏଣ୍ଟ ବୃଦ୍ଧି ଘଟାଇଛି। ଏହା ଅନୁଯାୟୀ, ବ୍ୟାଙ୍କ ଭାରତର ମୁଦ୍ରାସ୍ଫୀତି ପୂର୍ବାନୁମାନକୁ ୫.୨ ପ୍ରତିଶତରୁ ୫.୯ ପ୍ରତିଶତକୁ ବୃଦ୍ଧି କରିଛି। ୟୁରୋପୀୟ ସଂଘ (ଇୟୁ) ବ୍ୟତୀତ ଭାରତର ପ୍ରମୁଖ ବ୍ୟବସାୟିକ ଅଂଶୀଦାରଙ୍କ ମଧ୍ୟରେ ଧୀମା ଅଭିବୃଦ୍ଧି ଯୋଗୁ ଭାରତୀୟ ସାମଗ୍ରୀର ବାହ୍ୟ ଚାହିଦା ହ୍ରାସ ପାଇଛି। ଯାହାର ଫଳସ୍ୱରୂପ ରପ୍ତାନିରେ ହ୍ରାସ ଘଟିଛି। ଏହା ପୂର୍ବରୁ ଘରୋଇ ଚାହିଦା ଦୃଢ଼ ରହିବା ଯୋଗୁ ପ୍ରଥମ ତ୍ରୈମାସିକରେ ଦେଶର ଅର୍ଥନୀତିରେ ୭.୮ ପ୍ରତିଶତ ଦ୍ରୁତ ଅଭିବୃଦ୍ଧି ଦେଖିବାକୁ ମିଳିଥିଲା। ବିଶ୍ୱ ବ୍ୟାଙ୍କ କହିବାନୁଯାୟୀ, ଖାଦ୍ୟ ମୁଦ୍ରାସ୍ଫୀତି ଯୋଗୁ କେତେକାଂଶରେ ଚାହିଦାରେ ହ୍ରାସ ଘଟିଛି। ବିଶେଷକରି ସ୍ୱଳ୍ପ ଆୟ ବର୍ଗରେ ଚାହିଦା ହ୍ରାସ ପାଇଛି। ମୌସୁମୀ ଋତୁରେ ଅନିୟମିତ ବର୍ଷା ହେତୁ ଜୁଲାଇରେ ଖାଦ୍ୟ ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଥିଲା। ଅଗଷ୍ଟରେ ଭାରତର ମୁଦ୍ରାସ୍ଫୀତି ୬.୮ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ଜୁଲାଇରେ ଏହା ୧୫ ମାସର ସର୍ବୋଚ୍ଚ ସ୍ତର ୭.୪ ପ୍ରତିଶତ ରହିଥିଲା।

## ଅଧିକ ଶକ୍ତିଶାଳୀ ହେଲା ଭାରତୀୟ ବାୟୁସେନା



**ନୂଆଦିଲ୍ଲୀ :** ଅଧିକ ଶକ୍ତିଶାଳୀ ହେଲା ଭାରତୀୟ ବାୟୁସେନା। ବାୟୁସେନା ହାତରେ ପ୍ରଥମ ହାଲୁକା ଲଢୁଆ ଟୁ ସିଟର ବିମାନ ବା ଏଲସିଏ ତେଜସକୁ ଅର୍ପଣ କଲା ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ। ଏଲସିଏ ଟୁଇନ ସିଟର ଟ୍ରେନର ଏୟାରକ୍ରାଫ୍ଟ ଉତ୍ପାଦନ କ୍ଷେତ୍ରରେ ଏହା ବି ହୋଇଛି ଏକ ମାଇଲ ଖୁଣ୍ଟି। ଏହା ବାୟୁସେନାର ସମସ୍ତ ପ୍ରଶିକ୍ଷଣ ସମ୍ପର୍କିତ ଆବଶ୍ୟକତାକୁ ପୂରଣ କରିବ। ଚଳିତ ବର୍ଷ ୧୮ଟି ଟୁଇନ ସିଟର ଏଲସିଏ ଯୋଗାଇଦେବା ଲାଗି ବାୟୁସେନା ପକ୍ଷରୁ ଏଚଏଏଲକୁ ଅର୍ଡର ଦିଆଯାଇଥିଲା। ଆସନ୍ତା ୨୦୨୬-୨୭ ସୁଦ୍ଧା ୧୦ଟି ଟୁଇନ ସିଟର ଯୋଗାଇଦିଆଯିବ ବୋଲି ସୂଚନା ମିଳିଛି। ଏଲସିଏ ତେଜସ ହେଉଛି ଭାରତର ଗବେଷଣା କାରିଗରି କ୍ଷେତ୍ରରେ ଏକ ଉତ୍କର୍ଷ ନମୁନା। ୨୦୨୭-୨୮ ସୁଦ୍ଧା ଏଲସିଏ ତେଜସର ସିରିଜ ଉତ୍ପାଦନ ଲାଗି ଏଚଏଏଲ ପକ୍ଷରୁ ଯୋଜନା କରାଯାଇଛି। ଏହି ଅବସରରେ ଉପସ୍ଥିତ ଥିଲେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଅଜୟ ଭଟ୍ଟ। ଏୟାର ଚିଫ ମାର୍ଶଲ ଭି. ଆର. ଚୌଧୁରୀ ପ୍ରମୁଖ। ଏହା ସହ ବାୟୁସେନା, ପ୍ରତିରକ୍ଷା ମନ୍ତ୍ରାଳୟ. ଡିଜିଏକ୍ୟୁଏ, ଡିଆରଡିଓ ଆଦି ସଂଗଠନର ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଜନ ଓଲାଭ୍ ଫୋସେଙ୍କୁ ସାହିତ୍ୟରେ ନୋବେଲ୍

**ଷ୍ଟକହୋମ୍ :** ସାହିତ୍ୟ ପାଇଁ ନୋବେଲ୍ ପୁରସ୍କାର ଘୋଷଣା ହୋଇଛି। ନରୱେ ଲେଖକ ଜନ ଓଲାଭ୍ ଫୋସେଙ୍କୁ ମିଳିବ ନୋବେଲ୍ ପୁରସ୍କାର। ୨୦୨୩ ମସିହା ପାଇଁ ସାହିତ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନରୱେର ଲେଖକ ଜନ୍ ଫୋସେଙ୍କୁ ପ୍ରଦାନ କରାଯିବ ଏହି ସମ୍ମାନଜନକ ନୋବେଲ୍ ପୁରସ୍କାର। ଲେଖକ ଜନ୍ ଫୋସେଙ୍କୁ ତାଙ୍କ ନାଟକ ଏବଂ ଗଦ୍ୟ ପାଇଁ ନୋବେଲ୍ ପୁରସ୍କାର ପ୍ରଦାନ କରାଯିବ। ତାଙ୍କର 'ଇନୋଭେଟିଭ୍ ପ୍ଲେଜ୍ ଆଣ୍ଡ ପ୍ରୋଜ୍ ହ୍ୱିଚ୍ ଗିଭ୍ ଭଏସ୍ ଆପ୍ ଦି ଅନସାୟାବଲ୍' ପାଇଁ ନୋବେଲ ପାଇବେ ଜନ ଫୋସେ। ନୋବେଲ୍ ଏକାଡେମୀ ଆଜି ତାଙ୍କ ନାମ ଘୋଷଣା କରିଛି। ଏହା ପୂର୍ବରୁ ଭେଷଜ, ରସାୟନ ବିଜ୍ଞାନ ଓ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ୍ ବିଜେତାଙ୍କ ନାମ ଘୋଷଣା ସରିଛି। ଭେଷଜରେ ଦୁଇ ଜଣ ବିଜ୍ଞାନୀ କାଟାଲିନ କାରିକୋ ଏବଂ ଡ୍ରିଉ ୱିଜମ୍ୟାନଙ୍କ ନାମ ଘୋଷଣା ହୋଇଥିବା ବେଳେ ପଦାର୍ଥ ବିଜ୍ଞାନରେ ପିଏରେ ଆଗୋସ୍ତିନି, ଫେରେନ୍ସ କ୍ରାଉଜ, ଆନୀ ଏଲ'ହୁଇଲିଅର ପାଇବେ ନୋବେଲ୍।

## ମ୍ୟାଲେରିଆ ନିରାକରଣ ଟିକାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମଞ୍ଜୁରୀ



**ନୂଆଦିଲ୍ଲୀ :** ମ୍ୟାଲେରିଆ ବିରୋଧୀ ଲଢେଇରେ ଭାରତକୁ ବଡ଼ ସଫଳତା। ମ୍ୟାଲେରିଆ ନିରାକରଣ ପାଇଁ ଟିକାକୁ ମଞ୍ଜୁରୀ ଦେଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ସିରମ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ଟିକାକୁ ଡବ୍ଲୁଏଚଓ ମଞ୍ଜୁରୀ ପ୍ରଦାନ କରିଛି। ଏନେଇ ସିରମ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି। ଭାରତରେ ନିର୍ମିତ ନୂତନ ଟିକା ଆର୨୧ ମାଟ୍ରିକ୍ସ –ଏମ ଅନ୍ୟ ଟିକାଠାରୁ ଅଧିକ ପ୍ରଭାବଶାଳୀ। ପିଲାମାନଙ୍କୁ ମ୍ୟାଲେରିଆରୁ ରକ୍ଷା କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅନୁମୋଦନ ପାଇବାରେ ଏହା ବିଶ୍ୱର ଦ୍ୱିତୀୟ ଟିକା। ଏସଏଜିଇ ଓ ଏମପିଏଜିର ଅନୁମୋଦନ ପରେ ଏହାକୁ ଡବ୍ଲୁଏଚଓ ମଞ୍ଜୁରୀ ଦେଇଛି। ଟିକା ଉତ୍ପାଦନ ପାଇଁ ଲାଇସେନ୍ସ ପ୍ରାଦନ କରାଯାଇଛି। କମ୍ପାନୀ ବାର୍ଷିକ ୧୦ କୋଟି ଡୋଜ ଉତ୍ପାଦନ କରିବାର କ୍ଷମତା ହାସଲ କରିସାରିଛି। ଯାହାକି ଆସନ୍ତା ଦୁଇ ବର୍ଷ ମଧ୍ୟରେ ଦ୍ୱିଗୁଣିତ ହେବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି, ମ୍ୟାଲେରିଆ ସହ ଲଢିବା ପାଇଁ ଏବେ ୨ଟି ଭ୍ୟାକ୍ସିନ ମହଜୁଦ ରହିଛି। ଭାରତର ସିରମ ଇନଷ୍ଟିଚ୍ୟୁଟ ସାହାଯ୍ୟରେ ଏକ ନୂଆ ଭ୍ୟାକ୍ସିନ ବିକଶିତ କରିଛି ଅକ୍ସଫୋର୍ଡ ୟୁନିଭରସିଟି। ଆକ୍ରାନ୍ତଙ୍କୁ ଏହାର ୩ଟି ଲେଖାଏଁ ଡୋଜ ନେବେ ଆକ୍ରାନ୍ତ। ଭ୍ୟାକ୍ସିନର ଗୋଟିଏ ଡୋଜର ମୂଲ୍ୟ ପ୍ରାୟ ୧୬୦ରୁ ୩୨୦ ଟଙ୍କା ହୋଇପାରେ। ତେବେ ଆସନ୍ତାବର୍ଷ ଏହା ଅନ୍ୟ ଦେଶମାନଙ୍କରେ ମଧ୍ୟ ଉପଲବ୍ଧ ହେବ। ସିରମ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆର ସିଇଓ ଆଦର ପୁନେୱାଲା କହିଛନ୍ତି, ମ୍ୟାଲେରିଆ ସାରା ବିଶ୍ୱରେ କୋଟି କୋଟି ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଆସୁଛି। ମ୍ୟାଲେରିଆ ମୁକାବିଲା ପାଇଁ ଏହି ଟିକା ଅନୁମୋଦନ ଏକ ମାଇଲଖୁଣ୍ଟି। ଏହି ଅନୁମୋଦନ ପ୍ରି-କ୍ଲିନିକାଲ୍ ଏବଂ କ୍ଲିନିକାଲ୍ ଟ୍ରାଏଲ୍ ତଥ୍ୟ ଉପରେ ଆଧାରିତ। ଯାହାକି ମ୍ୟାଲେରିଆ ମୃତ୍ୟୁକୁ ରୋକିପାରିବ।

### ଉଜ୍ଜଳା ହିତାଧିକାରୀଙ୍କୁ କେନ୍ଦ୍ର ସରକାରଙ୍କ ପାର୍ବଣ ଉପହାର

# ଏଲ୍‌ପିଜି ସିଲିଣ୍ଡର ପିଛା ମିଳିବ ୩୦୦ ଟଙ୍କା ସବ୍‌ସିଡି



**ନୂଆଦିଲ୍ଲୀ :** ପାର୍ବଣ ଋତୁରେ ମୋଦି ସରକାର ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କୁ ଏକ ବଡ ଉପହାର ଦେଇଛନ୍ତି। ସେମାନଙ୍କୁ ଏଲପିଜି ସିଲିଣ୍ଡର ପିଛା ୨୦୦ ବଦଳରେ ୩୦୦ ଟଙ୍କାର ସବସିଡି ମିଳିବ। କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କ୍ୟାବିନେଟ ବୈଠକରେ କହିଛନ୍ତି ଯେ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କୁ ଦିଆଯାଉଥିବା ୨୦୦ ଟଙ୍କାର ସବସିଡିକୁ ୩୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। କେନ୍ଦ୍ର କ୍ୟାବିନେଟ ରକ୍ଷାବନ୍ଧନ ଏବଂ ଓନମ ଅବସରରେ ଏଲପିଜିରେ ୨୦୦ ଟଙ୍କା ହ୍ରାସ ଘୋଷଣା କରିଥିଲେ। ଉଜ୍ଜଳାର ହିତାଧିକାରୀଙ୍କୁ ୨୦୦ଟଙ୍କାରୁ ୩୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଆଗକୁ ୫ଟି ରାଜ୍ୟରେ ନିର୍ବାଚନ ଥିବାରୁ ସରକାର ଏଲପିଜି ସିଲିଣ୍ଡର ଉପରେ ସବସିଡି ବଢାଇ ଦେଇଛନ୍ତି। ତେବେ ଏହାର ସୁବିଧା କେବଳ ଉଜ୍ଜଳା ହିତାଧିକାରୀମାନଙ୍କୁ ମିଳିବ ନାହିଁ। କିନ୍ତୁ ଉଜ୍ଜଳା ଯୋଜନାର ସୁଫଳ ପାଉନଥିବା ସାଧାରଣ ମଧ୍ୟବିତ୍ତ ବର୍ଗ ଏହି ସବସିଡିର କୌଣସି ଲାଭ ପାଇବେ ନାହିଁ। ଅନୁରାଗ ଠାକୁର ଆହୁରି କହିଛନ୍ତି ଯେ ଭାରତ ହଳଦୀର ସବୁଠାରୁ ବଡ଼ ଉତ୍ପାଦନକାରୀ ଏବଂ ଉପଭୋକ୍ତା। ହଳଦୀ ରପ୍ତାନି ପାଇଁ ୮୪୦୦ କୋଟି ଟଙ୍କାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସେଣ୍ଟ୍ରାଲ୍ ଟର୍ମରିକ୍ ବୋର୍ଡ ( କେନ୍ଦ୍ରୀୟ ହଳଦୀ ବୋର୍ଡ) ଗଠନକୁ ମଞ୍ଜୁରି ମିଳିଛି। ଉତ୍ତର କୋଏଲ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ ୨୪୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହାଦ୍ୱାରା ବିହାରର ଔରଙ୍ଗାବାଦ, ଝାଡ଼ଖଣ୍ଡର ଗଡ଼ୱା ଓ ପାଲାମୁ ଉପକୃତ ହେବେ। କ୍ୟାବିନେଟ ନିଷ୍ପତ୍ତି କ୍ରମେ ଆଜି କେନ୍ଦ୍ର ସରକାର କୃଷ୍ଣା ଜଳ ବିବାଦ ଟ୍ରିବ୍ୟୁନାଲ-୨ ସର୍ତ୍ତାବଳୀକୁ ଅନୁମୋଦନ ଦେଇଛନ୍ତି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର କହିଛନ୍ତି ଯେ ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ ବିଚାର ପାଇଁ ଆନ୍ତଃ ରାଜ୍ୟ ନଦୀ ଜଳ ବିବାଦ ଅଧିନିୟମ, ୧୯୫୬ ଅନୁଯାୟୀ କୃଷ୍ଣା ଜଳ ବିବାଦ ଟ୍ରିବ୍ୟୁନାଲ-୨ ରେଫରେନ୍ସ ସର୍ତ୍ତାବଳୀକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ବିବାଦର ସମାଧାନ ଉଭୟ ରାଜ୍ୟରେ ବିକାଶର ନୂଆ ରାସ୍ତା ଖୋଲିବ। ସେହିଭଳି ଶ୍ରୀ ଠାକୁର ସୂଚନା ଦେଇଛନ୍ତି ଯେ ତେଲେଙ୍ଗାନାରେ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସେଣ୍ଟ୍ରାଲ ୟୁନିଭରସିଟି ଆକ୍ଟ, ୨୦୦୯ରେ ସଂଶୋଧନକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି। ମୁଲୁଗୁ ଜିଲ୍ଲାରେ ସ୍ଥାପିତ ହେବାକୁ ଥିବା ଏହି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଇଁ ୮୮୯ କୋଟି ଟାଙ୍କ ବ୍ୟୟ ବରାଦ କରାଯାଇଛି। ଏହାଛଡା କ୍ୟାବିନେଟରେ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ଟିନାନ୍ସି ଆଇନ ୨୦୨୩, ଦାଦ୍ରା ଏବଂ ନାଗର ହାଭେଲି ଏବଂ ଦାମନ ଏବଂ ଡିୟୁ ଟିନାନ୍ସି ଆଇନ ୨୦୨୩ ଏବଂ ଲାକ୍ଷାଦ୍ୱୀପ ଟିନାନ୍ସି ଆଇନ ୨୦୨୩ ପାଇଁ ନିୟମ ପ୍ରଣୟନ ପ୍ରସ୍ତାବକୁ ଅନୁମୋଦନ ମିଳିଛି।

# ତାଳଗଛ ଶୂନ୍ୟ ହୋଇଯିବ ଓଡ଼ିଶା !

**ଭୁବନେଶ୍ୱର :** ରାଜ୍ୟରେ ତାଳଗଛ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି। ଗତ କିଛି ବର୍ଷ ହେଲା, ଉଭୟ ଜଙ୍ଗଲ ଓ ଅଣଜଙ୍ଗଲ ଅଞ୍ଚଳରୁ ଆଖିବୁଜା ତାଳଗଛ କଟାଯାଉଥିବାରୁ ଏଭଳି ସ୍ଥିତି ଦେଖାଦେଇଛି। ଏଥିରେ ରୋକ୍ ନ ଲାଗିଲେ, ଆଗାମୀ ଦିନରେ ଓଡ଼ିଶା ତାଳଗଛଶୂନ୍ୟ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବଜ୍ରପାତଜନିତ ଧନଜୀବନ କ୍ଷୟକ୍ଷତି ଟାଳିବାରେ ତାଳଗଛର ଏକ ପ୍ରମୁଖ ଭୂମିକା ରହିଛି। ହାତୀଙ୍କ ପ୍ରମୁଖ ଖାଦ୍ୟ ମଧ୍ୟରେ ତାଳ ଗଣାଯାଇଥାଏ। ବର୍ଷା ଦିନେ ଜଙ୍ଗଲରେ କୌଣସି ଫଳ ହୋଇନଥାଏ। ଏହି ସମୟରେ ଏକମାତ୍ର ଫଳ ଭାବେ ହାତୀଙ୍କ ପାଇଁ ତାଳ ଉପଲବ୍ଧ ହୋଇଥାଏ। କିନ୍ତୁ ତାଳଗଛ ସଂରକ୍ଷଣ ପାଇଁ କୌଣସି ପଦକ୍ଷେପ ନ ନିଆଯିବା ଫଳରେ ଉଭୟ ମଣିଷ ଓ ବନ୍ୟଜନ୍ତୁଙ୍କ ପାଇଁ ଆଗାମୀ ଦିନରେ ଏକ ବଡ଼ ବିପଦ ସୃଷ୍ଟି ହୋଇପାରେ ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି। ଓଡ଼ିଶାରୁ ବ୍ୟାପକ ସଂଖ୍ୟାରେ ତାଳଗଛ କଟାଯିବାରେ ତାମିଲନାଡୁର କିଛି ରାକେଟ୍ କାମ କରୁଥିବା ଅଭିଯୋଗ ହେଉଛି। ମୁଖ୍ୟତଃ ଅନୁଗୁଳ, ଢେଙ୍କାନାଳ ସମେତ ରାଜ୍ୟର ଅନ୍ୟାନ୍ୟ ସ୍ଥାନରୁ ତାଳଗଛ କଟାଯାଇ ତାମିଲନାଡୁକୁ ଚାଲାଣ ହେଉଛି। ତାମିଲନାଡୁରେ ବର୍ତ୍ତମାନ ତାଳଗଛ କଟାରେ କଟକଣା ଥିବାରୁ ସେମାନଙ୍କ ଆଖି ଓଡ଼ିଶା ଉପରେ ପଡ଼ିଛି। ସେଠାକାର ଆବଶ୍ୟକତା ପୂରଣ ପାଇଁ ତାମିଲନାଡୁକୁ ଓଡ଼ିଶାରୁ ପ୍ରଚୁର ମାତ୍ରାରେ ତାଳଗଛ କଟାଯାଇ ପଠାଯାଉଛି। ଗୋଟିଏ ପଟେ ରାଜ୍ୟରେ ତାଳଗଛ ଲଗାଇବା ପାଇଁ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ପ୍ରୟାସ ଜାରି ରଖିଥିବା ବେଳେ ପ୍ରଶାସନିକ ସ୍ତରରେ ମଧ୍ୟ ବନ ବିଭାଗ ଓ କୃଷି



ବିଭାଗକୁ ତାଳ ଗଛ ଲଗାଇବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଯେଉଁ ଗଛଗୁଡ଼ିକ ବର୍ତ୍ତମାନ ବଜ୍ରପାତରୁ ସୁରକ୍ଷା ଦେଉଛନ୍ତି ଓ ହାତୀଙ୍କୁ ଖାଦ୍ୟ ଯୋଗାଉଛନ୍ତି, ସେହି ବଡ଼ ଗଛଗୁଡ଼ିକର ସଂରକ୍ଷଣ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ବିଶେଷଜ୍ଞଙ୍କ କହିବାନୁଯାୟୀ, ବିଜୁଳି ମାରିବା ବେଳେ ଅଧିକ ଉଚ୍ଚତାରେ ଥିବା ଜିନିଷ ଅଧିକ ପ୍ରଭାବିତ ହୋଇଥାଏ। ତାଳଗଛର ଉଚ୍ଚତା ଅଧିକ ହୋଇଥିବାରୁ ବିଜୁଳିକୁ ନିଜ ଆଡ଼କୁ ଟାଣିନେଇ ଲୋକଙ୍କୁ ସୁରକ୍ଷା ଦେଇଥାଏ। ଗତ ୫ବର୍ଷରେ ବଜ୍ରପାତ ଯୋଗୁଁ ରାଜ୍ୟରେ ୨ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଗତ ସେପ୍ଟେମ୍ବରରେ ଏସ୍ଆରସି ସତ୍ୟବ୍ରତ ସାହୁ ବନ ବିଭାଗ ଓ କୃଷି ବିଭାଗକୁ ବ୍ୟାପକ ତାଳଗଛ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍ଆରସିଙ୍କ ନିର୍ଦ୍ଦେଶ ଅନୁଯାୟୀ ବର୍ତ୍ତମାନ ବନ ବିଭାଗ ପକ୍ଷରୁ ସମସ୍ତ ଜଙ୍ଗଲ ଜମି ପାଖ, ରାସ୍ତାଘାଟ ଓ ଖୋଲା ପଡ଼ିଆରେ ତାଳଚାରା ରୋପଣ କରାଯାଉଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଲା, ନୂଆ ଗଛ ପାଇଁ ପଦକ୍ଷେପ ନିଆଯାଉଥିବା ବେଳେ ପୁରୁଣା ବଡ଼ ତାଳଗଛର ସୁରକ୍ଷା ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ।

## ଓଏମସି ଓ ହିଣ୍ଡାଲକୋ ମଧ୍ୟରେ ଏମଓୟୁ
## ରାୟଗଡାରେ ହେବ ଆଲୁମିନା ରିଫାଇନାରୀ ପ୍ଲାଣ୍ଟ

**ଭୁବନେଶ୍ୱର :** ରାୟଗଡା କଂସାରିଗୁଡ଼ାରେ ହିଣ୍ଡାଲକୋ ପ୍ରତିଷ୍ଠା କରିବ ଆଲୁମିନା ରିଫାଇନାରୀ ପ୍ଲାଣ୍ଟ। ୮ ହଜାର କୋଟି ଟଙ୍କା ପୁଞ୍ଜିନିବେଶରେ ବାର୍ଷିକ ଉତ୍ପାଦନ ହେବ ୨ ମିଲିୟନ ଟନ ଆଲୁମିନା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଲୋକସେବା ଭବନ କନଭେନ ସେଣ୍ଟରରେ ଓଏମସି ଓ ହିଣ୍ଡାଲୋକ ମଧ୍ୟରେ ସ୍ୱାକ୍ଷରିତ ହୋଇଛି ବୁଝାମଣା ପତ୍ର। ଓଏମସି କଳାହାଣ୍ଡିର କୋଡ଼ିଂଗାମାଳି ବକ୍ସାଇଟ ଖଣିରୁ ଦୀର୍ଘମିଆଦି ସୂତ୍ରରେ ଯୋଗାଇବ କଞ୍ଚାମାଲ। ପ୍ରାଥମିକ ପର୍ଯ୍ୟାୟରେ ସିଧାସଳଖ ନିଯୁକ୍ତି ପାଇବେ ୫ ହଜାର। ପରେ ସମ୍ପୂର୍ଣ୍ଣ ଉତ୍ପାଦନକ୍ଷମ ହେଲେ ୭ ହଜାର ନିଯୁକ୍ତି ମିଳିବ। ପରିବେଶ ଅନୁକୂଳ ରିଫାଇନାରୀ ପ୍ରତିଷ୍ଠା ହେବ। ବୁଝାମଣା ପତ୍ର ଅନୁଯାୟୀ ନିଯୁକ୍ତି କ୍ଷେତ୍ରରେ ଓଡ଼ିଆଙ୍କୁ ପ୍ରାଥମିକତା ମିଳିବ। ଏହା ସହିତ ଏକ ଗାର୍ମେଣ୍ଟ ଫାକ୍ଟ୍ରି କରିବାକୁ ହିଣ୍ଡାଲକୋ ଅଧ୍ୟକ୍ଷ କୁମାର ମଙ୍ଗଳମ ବିର୍ଲା ଆଜି ବୈଠକରେ ଘୋଷଣା କରିଛନ୍ତି। ଏଥିରେ ୧୫ଶହ ଲୋକ ନିଯୁକ୍ତି ପାଇବେ। ଦୁଇରୁ ୩ ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବ। ୨୦୨୬ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ବୋଲି ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି। କେନ୍ଦ୍ରାପଡାରେ ହେବାକୁ ଆର୍ସେଲର- ନିପନ ଷ୍ଟିଲ ଇସ୍ପାତ କାରଖାନା ପ୍ରସଙ୍ଗରେ ଶିଳ୍ପ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ, ଦ୍ରୁତ ଗତିରେ କାମ ଚାଲିଛି। କେନ୍ଦ୍ରାପଡାରେ ବାର୍ଷିକ ୨୪ ମିଲିୟନ ଟନ ଇସ୍ପାତ କାରଖାନା ନିପନ ଷ୍ଟିଲ ପ୍ରତିଷ୍ଠା କରିବ। ଯାହାକି ଦେଶର ସର୍ବବୃହତ ଇସ୍ପାତ ଶିଳ୍ପ। ରେଳ,ରାସ୍ତା ଓ ଭିତ୍ତିଭୂମି କାର୍ଯ୍ୟ ସରକାର ହାତକୁ ନେଇଛନ୍ତି। ପରିବେଶ ମଞ୍ଜୁରୀ ଅପେକ୍ଷାରେ। ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି।

## ସମବାୟ ସମିତିଗୁଡ଼ିକର ସ୍ଥାବର ସମ୍ପତ୍ତି ବିକ୍ରି ଅନୁମତି ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ

**ଭୁବନେଶ୍ୱର:** ସମବାୟ ସମିତିଗୁଡ଼ିକର ସ୍ଥାବର ସମ୍ପତ୍ତିକୁ ବିକ୍ରି ଅନୁମତି ପାଇଁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ରାଜ୍ୟ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ନିର୍ଦ୍ଦେଶକ୍ରମେ ଗଠନ ହୋଇଥିବା ଏହି କମିଟିରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଅଧ୍ୟକ୍ଷ ଥିବାବେଳେ ଅତିରିକ୍ତ ଶାସନ ସଚିବ (ଯୋଜନା), ସହକାରୀ ନିର୍ଦ୍ଦେଶକ (ଆଇନ), ଅତିରିକ୍ତ ସମବାୟ ନିବନ୍ଧକ (ଆଇନ୍ ଓ ଯୋଜନା) ସଦସ୍ୟ ରହିଛନ୍ତି। ସେହିଭଳି ସମବାୟ ଉପନିବନ୍ଧକ (ଏମଆଇଏସ୍) ଏହି କମିଟିର ଆବହକ ଅଛନ୍ତି। ଏହି କମିଟି ସମବାୟ ନିବନ୍ଧକଙ୍କ ଠାରୁ ସମିତିର ସ୍ଥାବର ସମ୍ପତ୍ତି ବିକ୍ରି କିମ୍ବା ଲିଜ୍ ପାଇଁ ପ୍ରସ୍ତାବ ପାଇବାପରେ ତାହାକୁ ପରୀକ୍ଷା ନିରୀକ୍ଷା ସହିତ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ। ସରକାରଙ୍କ ଠାରୁ ଅନୁମୋଦନ ପାଇଲା ପରେ ରାଜ୍ୟ ସମବାୟ ନିବନ୍ଧକ ତାଙ୍କ ତରଫରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ। ଏହି କମିଟିର ବୈଠକ ପ୍ରତି ତିନି ମାସରେ ଥରେ ବସିବା ସହିତ ସମବାୟ ନିବନ୍ଧକଙ୍କ ଠାରୁ ପାଇଥିବା ପ୍ରସ୍ତାବଗୁଡ଼ିକର ତର୍ଜମା କରିବ। ଉଲ୍ଲେଖନୀୟ ଯେ ସମବାୟ ସମିତି ଆଇନ୍ ୧୯୬୨ ଅନୁଯାୟୀ ପଞ୍ଜିକୃତ ହୋଇଥିବା ସମିତିଗୁଡ଼ିକ ସମ୍ପତ୍ତି ଅଧିଗ୍ରହଣ ଏବଂ ଏହାକୁ ବିକ୍ରି କରିବାର କ୍ଷମତା ରଖିଥିଲେ। ଓଡିଶା ସମବାୟ ସମିତି ଆଇନ୍ ୧୯୬୫ର ଧାରା ୧୨-କ ଅନୁଯାୟୀ ଉଭୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ବିକ୍ରି କରିବାର କ୍ଷମତା ପ୍ରଦାନ କରାଯାଇଥିଲା।

## ଶେଷ ପର୍ଯ୍ୟାୟରେ ବଦଳୁଛି ୧୭ଶହ ସ୍କୁଲର ଚେହେରା

### ଡିସେମ୍ବର ସୁଦ୍ଧା ସରିବ ୪ର୍ଥ ପର୍ଯ୍ୟାୟ '୫-ଟି' ହାଇସ୍କୁଲ ରୂପାନ୍ତରଣ

**ଭୁବନେଶ୍ୱର :** ଚତୁର୍ଥ ତଥା ଶେଷ ପର୍ଯ୍ୟାୟ '୫-ଟି' ହାଇସ୍କୁଲ ରୂପାନ୍ତରୀକରଣରେ ସାମିଲ ବିଦ୍ୟାଳୟରଗୁଡ଼ିକର ଲୋକାର୍ପଣ ପ୍ରକ୍ରିୟା ଚଳିତବର୍ଷ ଶେଷ ସୁଦ୍ଧା ଶେଷ ହେବ। ଗତ ୩ଟି ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ୬ ହଜାର ୧୫୧ଟି ସ୍କୁଲକୁ ଲୋକାର୍ପଣ କରିଛନ୍ତି। ଚତୁର୍ଥ ପର୍ଯ୍ୟାୟର ଚିହ୍ନଟ ସ୍କୁଲ ରୂପାନ୍ତରଣ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏଥିରେ ପ୍ରାୟ ୧୭ଶହ ସ୍କୁଲକୁ ବିଭାଗ ସାମିଲ କରିଛି। ସେହିପରି ନିଯୁକ୍ତି ପ୍ରକ୍ରିୟାକୁ ମଧ୍ୟ ତ୍ୱରାନ୍ୱିତ କରାଯାଉଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।ପ୍ରଥମ ପର୍ଯ୍ୟାୟରେ ୧,୦୭୬ସ୍କୁଲ, ଦ୍ୱିତୀୟ ପର୍ଯ୍ୟାୟରେ ୨,୯୦୮ ଓ ତୃତୀୟ ପର୍ଯ୍ୟାୟରେ ୨୧୫୧ ସ୍କୁଲ ଲୋକାର୍ପଣ କରାଯାଇଥିବା ବେଳେ ଶେଷ ପର୍ଯ୍ୟାୟ ହାଇସ୍କୁଲ ରୂପାନ୍ତରଣ ପାଇଁ କାର୍ଯ୍ୟ ଜାରି ରହିଛି। ଏହି ପର୍ଯ୍ୟାୟରେ ରାଜ୍ୟର ବ୍ଲକ୍ ଗ୍ରାଣ୍ଟ ସ୍କୁଲଗୁଡ଼ିକୁ ମଧ୍ୟ ସାମିଲ୍ କରାଯିବା ନେଇ ଲକ୍ଷ୍ୟ ରହିଛି। ଗତ ୩ ପର୍ଯ୍ୟାୟରେ ୬୧୩୫ଟି ସ୍କୁଲର ନବକଳେବର ଓ ଲୋକାର୍ପଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସଂପୂର୍ଣ୍ଣ ହୋଇଥିବା ବେଳେ ଶେଷ ପର୍ଯ୍ୟାୟ ପାଇଁ ୧୭୭୧ଟି ବିଦ୍ୟାଳୟ ଚିହ୍ନଟ କରାଯାଇଛି। ଡିସେମ୍ବର ସୁଦ୍ଧା ରୂପାନ୍ତରଣ ପ୍ରକ୍ରିୟା ଶେଷ ପରେ ଡିସେମ୍ବର ମାସରେ '୫-ଟି' ସ୍କୁଲ ଲୋକାର୍ପଣ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସହରର ଚାକଚକ୍ୟ ଘରୋଇ ସ୍କୁଲ ଭଳି ରୂପାନ୍ତରଣ ଯୋଜନାରେ ଗ୍ରାମାଞ୍ଚଳର ବିଦ୍ୟାଳୟଗୁଡ଼ିକ ଭିତ୍ତିଭୂମି ସୁଦୃଢ଼ ହେଉଛି। ସରକାରୀ ହାଇସ୍କୁଲଗୁଡ଼ିକରେ ସ୍ମାର୍ଟ କ୍ଲାସରୁମ, ଇ-ଲାଇବ୍ରେରୀ, କମ୍ପ୍ୟୁଟର୍ ଲ୍ୟାବ୍, ସାଇନ୍ସ ଲ୍ୟାବ୍ ଭଳି ଉନ୍ନତମାନର ଶିକ୍ଷଣୀୟ ବ୍ୟବସ୍ଥା ଉପଲବ୍ଧ କରାଯାଉଛି। ଉନ୍ନତମାନର ଶିକ୍ଷାଦାନ ସହ ଅଭିଜ୍ଞ ଶିକ୍ଷକ, ଅତ୍ୟାଧୁନିକ ଶିକ୍ଷଣୀୟ ଉପକରଣ ଯୋଗାଇ ଦିଆଯାଉଛି। ବିଶେଷତଃ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ପାଇଁ ସମସ୍ତ ଆବଶ୍ୟକ ଉପକରଣ ସହ ଉତ୍ତମ ଶୈକ୍ଷିକ ବାତାବାରଣ ଉପରେ ଧ୍ୟାନ ଦିଆଯାଉଛି। ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ସାହାଯ୍ୟରେ ଶିକ୍ଷକମାନେ କିପରି ଶିକ୍ଷାଦାନ କରିବେ, ସେନେଇ ପ୍ରଶିକ୍ଷଣ ମଧ୍ୟ ନେଉଛନ୍ତି। ସ୍ମାର୍ଟ ସ୍କୁଲରେ ପଢ଼ିବା ପାଇଁ ପିଲାମାନଙ୍କ ମଧ୍ୟରେ ପୂର୍ବାପେକ୍ଷା ଆଗ୍ରହ ବଢ଼ୁଛି। ତେବେ ସ୍କୁଲଗୁଡ଼ିକର କେବଳ ଭିତ୍ତିଭୂମି ଉନ୍ନତୀକରଣ ନୁହେଁ, ଖାଲିଥିବା ପଦ ପୂରଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ରକୁ ମଧ୍ୟ ବିଶେଷ ଧ୍ୟାନ ଦିଆଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି। ଚଳିତ ମାସରେ ୭,୫୪୦ ଶିକ୍ଷକଙ୍କ ନିଯୁକ୍ତି ପ୍ରକ୍ରିୟା ଶେଷ ପରେ ଏଲ୍ଟିଆରପିରେ ନିଯୁକ୍ତି ପାଇବାକୁ ଥିବା ୬,୦୨୫ ଶିକ୍ଷକ ପଦ ପୂରଣ ପାଇଁ ମଧ୍ୟ ବିଭାଗୀୟ ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି।

## ରାଜ୍ୟରେ ଆଉ ୫୮ ନୂଆ ଏନ୍ଏସି ଗଠନ ପାଇଁ ଦାବି

**ଭୁବନେଶ୍ୱର :** ରାଜ୍ୟରେ ଆଉ ୫୮ଟି ନୂଆ ଏନଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ) ଗଠନ ପାଇଁ ରାଜ୍ୟ ସରକାରଙ୍କୁ ବିଧିବଦ୍ଧ ପ୍ରସ୍ତାବ ମିଳିଛି। ରାଜ୍ୟ ସରକାର ଗ୍ରାମୀଣ ସହରୀ ପରିବର୍ତ୍ତନ ନୀତି (ରୁରାଲ ଅର୍ବାନ ଟ୍ରାଞ୍ଜିସନ୍ ପଲିସି)ର ପ୍ରାବଧାନ ଅନୁସାରେ ଗ୍ରାମାଞ୍ଚଳକୁ ସହରାଞ୍ଚଳ ଘୋଷଣା ନିମନ୍ତେ ତର୍ଜମା କରି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି। ରାଜ୍ୟ ଗୃହ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ୫୮ଟି ନୂଆ ଏନଏସି ଗଠନ ପାଇଁ ରାଜ୍ୟର ୨୨ଟି ଜିଲ୍ଲାରୁ ପ୍ରସ୍ତାବ ମିଳିଛି ।ସେଥିରେ ସର୍ବାଧିକ କଟକ ଜିଲ୍ଲାରୁ ୬ଟି ପ୍ରସ୍ତାବ ଓ ବଲାଙ୍ଗିର ଜିଲ୍ଲାରୁ ୫ଟି ପ୍ରସ୍ତାବ ମିଳିଛି। ଯାଜପୁର ଓ ଗଞ୍ଜାମ ଜିଲ୍ଲାରୁ ୪ଟି ଲେଖାଏଁ ପ୍ରସ୍ତାବ ଆସିଛି। କଟକ ଜିଲ୍ଲାର ସାଲେପୁର, ବଡ଼ମ୍ବା,ନରସିଂହପୁର,ନିଆଳି, ମାଣିଆବନ୍ଧ ଓ ବାରଙ୍ଗକୁ ଏନଏସି ଘୋଷଣା ପାଇଁ



ପ୍ରସ୍ତାବ ମିଳିଥିବାବେଳେ ବଲାଙ୍ଗିର ଜିଲ୍ଲାର ଲୋଇସିଂହା, ବେଲପଡ଼ା, ବଙ୍ଗମୁଣ୍ଡା, ସଇଁତଳା ଓ ଲାଠୋର ଏବଂ ଯାଜପୁର ଜିଲ୍ଲାର ବିଞ୍ଝାରପୁର, ଧର୍ମଶାଳା, ଚଣ୍ଡିଖୋଲ ଓ ପାଣିକୋଇଲି ରହିଛି। ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ, ବେଗୁନିଆ ଓ ନାଚୁଣୀକୁ ଏନଏଏସି ପାଇଁ ପ୍ରସ୍ତାବ ସରକାରଙ୍କୁ ମିଳିଛି। ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ, ଭଦ୍ରକ ଜିଲ୍ଲାର ଧାମରା ଓ ଆଗରପଡ଼ା, ବାଲେଶ୍ୱର ଜିଲ୍ଲାର ସିମୁଳିଆ ଓ ବସ୍ତା, ଅନୁଗୁଳ ଜିଲ୍ଲାର ପାଲଲହଡ଼ା ଓ ଛେଣ୍ଡିପଦା, ବରଗଡ଼ ଜିଲ୍ଲାର ଭଟଲୀ, ପାଇକମାଳ ଓ ଭେଡେନ୍, ପୁରୀ ଜିଲ୍ଲାର କାକଟପୁର, ସାକ୍ଷୀଗୋପାଳ ଓ ବ୍ରହ୍ମଗିରି, ସୁନ୍ଦରଗଡ଼ ଜିଲ୍ଲାର ବଣେଇ ଆଦିକୁ ଏନଏଏସି କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ମିଳିଛି। ତେବେ ମନ୍ତ୍ରୀ ଉଷା ଦେବୀ କହିଛନ୍ତି ଯେ, ଟାଙ୍ଗୀକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ସମ୍ବନ୍ଧୀୟ ପ୍ରସ୍ତାବରେ ମଗାଯାଇଥିବା ଆବଶ୍ୟକୀୟ ଦସ୍ତାବିଜ ଓ ତଥ୍ୟ ଖୋର୍ଦ୍ଧା ଜିଲ୍ଲାପାଳଙ୍କଠୁ ହସ୍ତଗତ ହୋଇନାହିଁ। ଇତିମଧ୍ୟରେ ରାଜ୍ୟ ସରକାର ରୁରାଲ ଅର୍ବାନ ଟ୍ରାଞ୍ଜିସନ୍ ପଲିସିର ବିଜ୍ଞପ୍ତି ଜାରି କରିସାରିଛନ୍ତି। ଏହି ନୀତିରେ ଥିବା ପ୍ରାବଧାନ ଆଧାରରେ ପ୍ରସ୍ତାବିତ ଗ୍ରାମାଞ୍ଚଳକୁ ସହରାଞ୍ଚଳ ଘୋଷଣା ନିମନ୍ତେ ତର୍ଜମା କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ରାଜ୍ୟରେ ମୋଟ ୬୩ଟି ଏଏନଏସି ଓ ୪୬ଟି ପୌର ପରିଷଦ ଓ ୫ଟି ମହାନଗର ନିଗମ ରହିଛି।

## ଏସ୍‌ସିବି ଆଇସିୟୁରେ ସଙ୍ଗୀତ ଚିକିତ୍ସା



**କଟକ :** କଟକ ଏସସିବି ମେଡିକାଲର ଆଇସିୟୁ ଭିତରେ ବାଜିବ ଭଜନ। ମେଡିକାଲ୍‌ର ବିଭିନ୍ନ ବିଭାଗର ଆଇସିୟୁ ଓ ଆଇସିୟୁ ୱାର୍ଡରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ୨୪ ଘଣ୍ଟା ମ୍ୟୁଜିକ୍ ଥେରାପି ଦେବା ପାଇଁ ବାଜିବ ଭଜନ। କେବଳ ଇନ୍‌ଷ୍ଟ୍ରୋମେଣ୍ଟାଲ୍ ମ୍ୟୁଜିକ (ବାଦ୍ୟଯନ୍ତ୍ର ଧ୍ୱନୀ) ବାଜିବ। ଏଭଳି ନିଷ୍ପତ୍ତି ନେଇଛନ୍ତି କଟକ ଏସସିବି ମେଡିକାଲ କର୍ତ୍ତୃପକ୍ଷ। ଏହାଦ୍ୱାରା ଉଭୟ ରୋଗୀ ଓ କର୍ମଚାରୀଙ୍କ ମଧ୍ୟରେ ଏକ ସକାରାତ୍ମକ ଭାବନା ସୃଷ୍ଟି ହେବା ସହ ଆଇସିୟୁ ଭିତରେ ଆଧ୍ୟାତ୍ମିକ ପରିବେଶ ବି ସୃଷ୍ଟି ହେବ। ଆସନ୍ତା ସପ୍ତାହେ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରାଯିବାକୁ ମେଡିକାଲ କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଥିବା ବେଳେ ଆଗକୁ ସବୁ ବିଭାଗରେ ଏଭଳି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ମେଡିକାଲ କର୍ତ୍ତୃପକ୍ଷ। ଯେଉଁମାନେ ମସ୍ତିଷ୍କ ଆଘାତପ୍ରାପ୍ତ କିମ୍ବା ରୋଗ ଆକ୍ରାନ୍ତ ହୋଇ ଆଇସିୟୁରେ ଭର୍ତ୍ତି ହୋଇଥାନ୍ତି ସେମାନଙ୍କର ମସ୍ତିଷ୍କକୁ ଉଜ୍ଜିବୀତ କରିବାକୁ ହେଲେ ଷ୍ଟିମୁଲେଟ କରିବାକୁ ପଡ଼େ। କାନ ଭିତର ଦେଇ ଯେତେବେଳେ ମ୍ୟୁଜିକ ମସ୍ତିଷ୍କକୁ ଯାଇଥାଏ, ସେଠାରେ ସମ୍ବେଦନ ସୃଷ୍ଟି ହୋଇଥାଏ। ଆଉ ଏହି ସମ୍ବେଦନର ପ୍ରଭାବ ସମ୍ପୂର୍ଣ୍ଣ ଶରୀର ଉପରେ ପଡେ। ହାଲକା ସାଉଣ୍ଡରେ ମ୍ୟୁଜିକ ସିଷ୍ଟମ ବାଜିବା ଦ୍ୱାରା ଆଇସିୟୁରେ ରୋଗୀଙ୍କ ସହ ଏଠାରେ କାମ କରୁଥିବା ଡାକ୍ତର, କର୍ମଚାରୀଙ୍କୁ ମଧ୍ୟ ଚାପ କମ କରିବାରେ ସହାୟକ ହେବ ବୋଲି କହିଛନ୍ତି ମେଡିକାଲ କର୍ତ୍ତୃପକ୍ଷ। ବର୍ତ୍ତମାନ ଏସସିବିରେ ମେଡ଼ିସିନ, ଟ୍ରମା, ସେଣ୍ଟ୍ରାଲ ଆଇସିୟୁ ଭଳି ୧୦ଟି ବିଭାଗରେ ୨୦୦ରୁ ଅଧିକ ଆଇସିୟୁ ବେଡ଼ ରହିଛି।

### 'ଓଏସଓୟୁ' ଭବିଷ୍ୟତକୁ ନେଇ ଅନିଶ୍ଚିତତା

## ନାକ୍ ମାନ୍ୟତା ନ ଥିବାରୁ ମିଳିଲାନି ନାମଲେଖା ଅନୁମତି

**ଭୁବନେଶ୍ୱର :** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ)ର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଚଳିତ ଶିକ୍ଷାବର୍ଷରୁ ନାମଲେଖା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) କଟକଣା ଲଗାଇଥିବା ବେଳେ ଏହାର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଛି। ନାକ୍ ମାନ୍ୟତା ନ ମିଳିବା ଯାଏଁ ୟୁଜି ଓ ପିଜି ନାମଲେଖା ପାଇଁ କଟକଣା ରହିଛି। କୌଣସି ଭିତ୍ତିଭୂମି ନଥାଇ ବିଶ୍ୱବିଦ୍ୟାଳୟ କିଭଳି ନାକ୍ ଟିମ୍‌କୁ ସାମ୍ନା କରିବ, ସେନେଇ ପ୍ରଶ୍ନ ଉଠିଛି। ବିଶ୍ୱବିଦ୍ୟାଳୟ ପାଇଁ କୌଣସି ଶିକ୍ଷକ ପଦ ଅନୁମୋଦନ ହୋଇ ନଥିବାରୁ ବିଶ୍ୱବିଦ୍ୟାଳୟ ନାକ୍ ନିକଟରେ ଏସଏସଆର୍ ମଧ୍ୟ ଦାଖଲ କରି ପାରୁନି। ୟୁଜିସି ବିନାନୁମତିରେ କୌଣସି ଦୂର ନିରନ୍ତର ବିଭାଗ ଖୋଲାଯାଇ ପାରିବ ନାହିଁ। ୟୁଜିସିର ମୁକ୍ତ ଓ ଦୂର ନିରନ୍ତର ଶିକ୍ଷା (ଓଡିଏଲ୍) ଅଧିନିୟମ ଅନୁଯାୟୀ, ଓଡିଏଲ୍ ଶିକ୍ଷା ପ୍ରଦାନ କରୁଥିବା ବିଶ୍ୱବିଦ୍ୟାଳୟ ୬ବର୍ଷ ମଧ୍ୟରେ ନାକ୍ର ମାନ୍ୟତା ବାଧ୍ୟତାମୂଳକ। ଏହି ଅଧିନିୟମ ଅନୁଯାୟୀ ନାକ୍ ମାନ୍ୟତା ନଥିଲେ, ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ସ୍ନାତକ ଓ ସ୍ନାତକୋତ୍ତର ପିଲାଙ୍କ ନାମ ଲେଖାଇପାରିବ ନାହିଁ। ୨୦୧୫ ମସିହାରେ ପ୍ରତିଷ୍ଠା ହୋଇଥିବା 'ଓଏସଓୟୁ'କୁ ୫ବର୍ଷ ଲାଗି ୟୁଜିସି ଅନୁମତି ଦେଇଥିଲା। ଇତିମଧ୍ୟରେ ବିଶ୍ୱବିଦ୍ୟାଳୟକୁ ୮ ବର୍ଷ ଛୁଇଁଛି। ମାତ୍ର ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ କିଛି ହୋଇନାହିଁ କହିଲେ ଚଳେ। ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟକୁ




ଅନୁଦାନ ଦେବା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେଇଥିଲେ ମଧ୍ୟ ବିଭାଗର ସମନ୍ୱୟ ଅଭାବ ହେତୁ ଏହାର ସଠିକ୍ କାର୍ଯ୍ୟକାରୀ ହୋଇନି। ବର୍ତ୍ତମାନ ସ୍ଥିତିରେ ବିଶ୍ୱବିଦ୍ୟାଳୟ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ମାତ୍ର ୨ ଶହ ବର୍ଗଫୁଟ୍ ବିଶିଷ୍ଟ ଘରେ ପରିଚାଳିତ। କର୍ମଚାରୀ କହିଲେ, ସ୍ଥାୟୀ କୁଳପତି ଓ କୁଳସଚିବଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ କର୍ମଚାରୀ (୭୦ଜଣ ଅଣଶିକ୍ଷକ କର୍ମଚାରୀ) ଠିକାରେ ନିଯୁକ୍ତ। ୮ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟ ପାଇଁ ସ୍ଥାୟୀ କର୍ମଚାରୀ ପଦ ସୃଷ୍ଟି ହୋଇନି। ଖାଲି ସେତିକି ନୁହେଁ, ବିଶ୍ୱବିଦ୍ୟାଳୟର ନିଜସ୍ୱ କ୍ୟାମ୍ପସ ପାଇଁ ଯଦିଓ ସରକାରୀ ୪୦ ଏକର ଜାଗା ଓ ଆର୍ଥିକ ସହଯୋଗ ଯୋଗାଇ ଦେଇଛନ୍ତି। ମାତ୍ର ବିଲ୍ଡିଂ କାର୍ଯ୍ୟକ୍ଷମ ହୋଇପାରୁନି। ଜୁନ୍ ୨୦୨୨ ସୁଦ୍ଧା କାର୍ଯ୍ୟକ୍ଷମ ହେବାକୁ ଥିବା ବିଲ୍ଡିଂ ନିର୍ମାଣ କାମ ଆଜିଯାଏଁ ମଧ୍ୟ ସରିନି। ରାଜ୍ୟ ପୁଲିସ୍ ଗୃହ ନିର୍ମାଣ ନିଗମକୁ ଦାୟିତ୍ୱ ଦିଆଯାଇଥିବା ବେଳେ ନିର୍ଦ୍ଧାରିତ ସମୟରେ ବିଭାଗ କାମ ସାରି ପାରୁନଥିବା ଅଭିଯୋଗ ହୋଇଛି। ତେବେ ନାକ୍ ମାନ୍ୟତା ପାଇଁ ବିଶ୍ୱବିଦ୍ୟାଳୟ ନିକଟରେ ଏସଏସଆର (ସେଲ୍ଫ ଷ୍ଟଡି ରିପୋର୍ଟ) ଦାଖଲ ପାଇଁ ପ୍ରୟାସ କରିଥିଲେ ମଧ୍ୟ ଏହା ଦାଖଲ ହୋଇ ପାରୁନି। ଓଏସଓୟୁ ଲାଗି ଶିକ୍ଷକ କର୍ମଚାରୀ ପଦ ସୃଷ୍ଟି ହୋଇ ନଥିବାରୁ ଅନଲାଇନରେ ଏସଏସଆର ଅପଲୋଡ୍ ହେଉନି। ଯାହାକି ପ୍ରମୁଖ ସମସ୍ୟା ସାଜିଛି।

### ସ୍ୱାସ୍ଥ୍ୟ ବିଭାଗ ଏବଂ ଘରୋଇ ସହଭାଗୀଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

## ପିପିପି ମୋଡରେ କାର୍ଯ୍ୟକ୍ଷମ ହେବ ୫ଟି ମଲ୍ଟି ସ୍ପେଶିଆଲିଟି ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ

**ଭୁବନେଶ୍ୱର :** ରାଜ୍ୟରେ ୫-ଟି ଉପକ୍ରମର ଅନୁପାଳନ କରାଯାଇ ବର୍ତ୍ତମାନ ସ୍ୱାସ୍ଥ୍ୟ କ୍ଷେତ୍ରରେ ରୂପାନ୍ତରଣ କାର୍ଯ୍ୟକ୍ରମ ଜାରି ରହିଛି। ବିଶେଷକରି ସଭିଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇଁ ବଦ୍ଧ ପରିକର ରାଜ୍ୟ ସରକାର ଏକ୍ଷେତ୍ରରେ ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି। ଓଡ଼ିଶା ଖୁବଶୀଘ୍ର ୫ଟି ମଲ୍ଟି ସ୍ପେଶିଆଲିଟି ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ ପାଇବାକୁ ଯାଉଛି। ପିପିପି ମୋଡରେ ଏହି ହସ୍ପିଟାଲଗୁଡ଼ିକ ନିର୍ମାଣ ହେବାକୁ ଥିବାବେଳେ ସ୍ୱାସ୍ଥ୍ୟସେବାର ବିକାଶ କ୍ଷେତ୍ରରେ ଯେକୌଣସି ରାଜ୍ୟ ଦ୍ୱାରା ଏହା ପ୍ରଥମ ପଦକ୍ଷେପ ଅଟେ। ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଘରୋଇ ସହଭାଗୀଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ଏମଓୟୁ ଅନୁଯାୟୀ ଅନୁଗୋଳ, ବଡବିଲ, ଭଦ୍ରକ ଓ ଝାରସୁଗୁଡାରେ ୧୦୦ରୁ ୨୦୦ ଶଯ୍ୟା ବିଶିଷ୍ଟ ମଲ୍ଟି-ସ୍ପେଶିଆଲିଟି ହସ୍ପିଟାଲ ଏବଂ ଏକ କ୍ୟାନ୍ସର କେୟାର ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ କରାଯିବ। ଉପରୋକ୍ତ ହସ୍ପିଟାଲଗୁଡ଼ିକ ନିର୍ମାଣ ପାଇଁ ମୋଟ ୫୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଏହାଦ୍ୱାରା ପ୍ରାୟ ୩୫୦୦ ମେଡିକାଲ, ପାରା-ମେଡିକାଲ, ନର୍ସିଂ ଏବଂ ପ୍ରସାସନିକ ବୃତ୍ତିଧାରୀ ନିଯୁକ୍ତି ପାଇବେ । ରାଜ୍ୟର ମୋଟ ୬୦ ଲକ୍ଷ ଲୋକଙ୍କୁ ଏହି ୫ଟି ହସ୍ପିଟାଲ ସେବା ଯୋଗାଇଦେବା ନେଇ ଆକଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ



ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ରାଜ୍ୟରେ ଭିତ୍ତିଭୂମି ଉନ୍ନୟନ ସର୍ବଦା ରାଜ୍ୟ ସରକାର ଗୁରୁତ୍ୱ ଦେଇ ଆସିଛନ୍ତି। ବିଶେଷକରି ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆବଶ୍ୟକତାକୁ କୁଶଳ, ପାରଦର୍ଶୀ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୂରଣ କରିବାକୁ ରାଜ୍ୟ ସରକାର ପ୍ରତିବଦ୍ଧ ଅଟନ୍ତି। ପ୍ରତ୍ୟେକ ଜୀବନ ମୂଲ୍ୟବାନ ନୀତିରେ ରାଜ୍ୟ ସରକାର କାର୍ଯ୍ୟ କରି ଆସୁଛନ୍ତି। ଅତଏବ ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା ପାଇଁ ଆମର ପ୍ରତିବଦ୍ଧତା ପୂରଣ ଦିଗରେ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଆହ୍ୱାନ ଦେଇଥିଲେ। ସେହିପରି ସ୍ୱାସ୍ଥ୍ୟକ୍ଷେତ୍ରରେ ରାଜ୍ୟର ରୂପାନ୍ତରଣ ଯାତ୍ରା ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟର ପ୍ରାୟ ୧ କୋଟି ପରିବାରର ମନୋବଳ ବୃଦ୍ଧି କରିଛି । କାରଣ ଏହି ଯୋଜନା ସେମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ନେବା ସହ ମାଗଣା ଚିକିତ୍ସା ଉପଲବ୍ଧ କରାଉଛି। ତେବେ ଏକ୍ଷେତ୍ରରେ ଘରୋଇ ସ୍ୱାସ୍ଥ୍ୟ ସେବା ପରିଚାଳକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହିଦୃଷ୍ଟିରୁ ଜିଲ୍ଲା ସ୍ତରରେ ସ୍ୱାସ୍ଥ୍ୟ ଅନୁଷ୍ଠାନ ଗୁଡ଼ିକ ପ୍ରତିଷ୍ଠା ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମେ ଘରୋଇ ନିବେଶକୁ ଉତ୍ସାହିତ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ୫-ଟି ସଚିବ ଭି କେ ପାଣ୍ଡିଆନ୍, ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଲ ଦେବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ସଚିବ ଶାଳୀନ ପଣ୍ଡିତ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାରାବାହିକ ଉପନ୍ୟାସ

## ଅନ୍ଧ ଦୃଶ୍ୟ





**କ୍ଷୀରୋଦ ଦାସ**

ଭାଗ-୧୫

(ପୂର୍ବପ୍ରକାଶ ଉତ୍ତାରୁ)

କଂପିତ ପାଦରେ ଶୁଭାକନ୍ତ ପଶିଲେ ବଖରା ଭିତରକୁ। ବେଡ୍ ଉପରେ ଶୋଇଥିବା ରୋଗୀର ମୁହଁକୁ ବାଦ୍ ଦେଇ ସାରା ଶରୀର ଅବୃତ ଥିଲା ସଫେଦ ଚାଦରରେ। ବାମ ହାତ ଭେନ୍‌ରେ ଚାଲିଥିଲା ସାଲାଇନ୍। ପାଖରେ ବସି ସାଲାଇନ୍‌ର ସଠିକ୍ ଗତି ଓ ବେଗ ଉପରେ ଧ୍ୟାନ ରଖିଥିଲେ ଜଣେ ମଧ୍ୟବୟସ୍କା ନର୍ସ।

ବୟସ୍କା, ଶାବନା ରଙ୍ଗର ସ୍ତ୍ରୀ ଲୋଟିଏ ମୁହଁରେ କଳାହାଣ୍ଡିଆ ମେଘର ବାଦଲ ପରି ଦୁଃଖ ଓହଳାଇ ସର୍ବହରାଙ୍କ ପରି ବସି ରହିଥିଲେ ରୋଗୀର ଶଯ୍ୟାଧାରାରେ। ସଚରାଚର ଏ ବିଶ୍ୱବ୍ରହ୍ମାଣ୍ଡର ସବୁ ଦୁଃଖ, ଶୋକ, ଭୟ ଓ ଆଶଙ୍କା କିଏ ଯେପରି ଓଳାଇ ଆଣି ଠୁଳ କରିଦେଇଥିଲା ସେଇ ମହିଳା ଜଣକର ସର୍ବାଙ୍ଗ ଶରୀର ଉପରେ!

ସୁରେଖାର ମା' ହେବେ ବୋଧହୁଏ!

ଶୁଭକାନ୍ତଙ୍କୁ ସେ ଆଶ୍ଚର୍ଯ୍ୟ ଓ ବିକଳ ଆଖିରେ ଚାହିଁଲେ ଏବଂ ହଠାତ୍ ଛୋଟ ଛୁଆଙ୍କ ପରି ଭେଁ ଭେଁ ହୋଇ କାନ୍ଦି ଉଠିଲେ।

ଅପ୍ରତିଭ ହୋଇ ପଡିଲେ ଶୁଭକାନ୍ତ। ଡରି ବି ଗଲେ। ମହିଳା ଜଣକ ଚିହ୍ନ ପକାଇଲେ କି ତାଙ୍କୁ! ସଂଜୟ ସାମଲ ନାମକ ବଳାତ୍କାରୀର ସେ ବାପା ବୋଲି ଜାଣିଗଲେକି? ଏକ କରେଣ୍ଟ ପ୍ରବାହିତ ହୋଇଗଲା ତାଙ୍କ ସମଗ୍ର ଶରୀର ଉପରେ। ସେଭଳି ସମୟରେ ସେ କଣ କରିବେ, କଣ କହିବେ କିଛି ସ୍ଥିର କରିପାରୁ ନଥିବା ବେଳେ ଅନୁଭବ କଲେ ଯେ କେହି ଜଣେ ଅତି ଆତୁରତାର ସହ ଜାବୁଡି ଧରୁଛି ତାଙ୍କର ଦୁଇ ପାଦକୁ।

ହଁ, ବେଡ୍ ଉପରୁ ଓହ୍ଲାଇଆସି ସେହି ମହିଳା ଜଣକ ହିଁ ଜାବୁଡି ଧରିଥିଲେ ତାଙ୍କର ଦୁଇ ପାଦକୁ। ଦୁଇ ଆଖିରୁ ଅବାରିତ ଝରି ପଡୁଥିବା ଲୁହରେ ଧୋଇ ଦେଉଥିଲେ ତାଙ୍କ ପାଦକୁ କୋହ ଭିଜା ସ୍ୱରରେ କହୁଥିଲେ-

"ଆସିଗଲେ ଠାକୁର। ମୋର ଆଉ ଚିନ୍ତା କରିବାର କିଛି ନାହିଁ। ଯା'ଙ୍କ ହାତ ବାଜିଲେ ମୋ' ଝିଅର ଦେହ ସୁନା ହୋଇଯିବ। କୁଆଡେ ଉଭାନ୍ ହୋଇଯିବ ତା' ଦେହର ସବୁ ଘା'। ସବୁ ପୀଡା। ଦିନ ଦୁଇଟାରେ ଝିଅ ମୋର ଝାଡିଝୁଡି ହୋଇ ଉଠି ବସିବ, ଘରକୁ ପଳେଇବା ପାଇଁ ଅଝଟ କରିବ। ପଖାଳ, ଆଳୁଚକଟା, ବଡିଚୂରା ଖାଇବା ପାଇଁ ଅଳି କରିବ। ମୋ ଝିଅକୁ ଟିକେ ଭଲକରି ଦେଖନ୍ତୁ ସା'ରେ... ତାକୁ ଭଲ କରିଦିଅନ୍ତୁ ସା'ରେ... ଆମ ଉପରେ ଦୟା କରନ୍ତୁ ସା'ରେ..."

ଅଭୂତପୂର୍ବ ଏକ ଆବେଗ ଓ ଆତୁରତାରେ ଫେଣ୍ଟି ହୋଇଗଲେ ଶୁଭକାନ୍ତ। ନାହିଁ ନଥିବା ଦୁଃଖ ମନ୍ଥି ପକାଉଥିଲା ତାଙ୍କ ଛାତି ଭିତରକୁ। ଆହା! ଝିଅର ଏପରି ଅବସ୍ଥାରେ କୋଉ ମା' ଥୟ ଧରି ରହିପରିବ ଭଲା! ଝିଅର ଏପରି ଅବସ୍ଥା ଦେଖି ମା' ବିଚାରୀ ପାଗଳୀ ହୋଇଯାଇଛି।

ସେ ଆସିଥିଲେ ନିଜ ମନ ଓ ଆତ୍ମାର ଗ୍ଲାନି ଦୂର କରିବା ପାଇଁ, ନିଜ ପାପରୁ କିଛି ଧୋଇବା ପାଇଁ ଝିଅଟିର ପାଦକୁ ଧରି ନିଜ କୁଳାଙ୍ଗାର ପୁଅର ଦୁଷ୍କର୍ମ ପାଇଁ କ୍ଷମା ମାଗିବାକୁ।

ଅଥଚ ଯେ କି ବିଷମ ପରିଣତି। ପୀଡିତା ଝିଅର ମା', ଧରୁଛି ଦୁଷ୍କର୍ମକାରୀ ବାପାର ପାଦକୁ! ଏହା ବିଡମ୍ବନା ନୁହେଁ ତ ଆଉ କଣ?

- କେତେ ବଡ ଡାକତର ଆପଣ। ନା ନା ଡାକତର ନୁହନ୍ତି, ସାକ୍ଷାତ ଈଶ୍ୱର। ଦେହ ଦେଖାଇବାକୁ ଆସିଛି ଅନେକବାର ଏଇ ମେଡିକାଲକୁ। ଭଲ ହେଇକି ଫେରିଛି। କେତେ କେତେ ରୋଗୀ ସୁନା ହେଇ ଫେରିଛନ୍ତି ଆପଣଙ୍କ ପାଖରୁ। ସେ କଥା କ'ଣ ମୁଁ ଭୁଲିଯିବି!

ବନ୍ଦ ହେଉ ନଥିଲା ମହିଳାଙ୍କ କାନ୍ଦ। ନର୍ସ ଜଣକ ଅବୁଝା ଆଖିରେ ମିଟିମିଟି ଚାହିଁ ଦେଖୁଥିଲା ସମୁଦାୟ ଦୃଶ୍ୟକୁ। କନେଷ୍ଟବଳ ଜଣେ ଆସି ଭିତରକୁ ମୁହଁ ଗଳାଇ ଦେଖି ଲେଉଟିଗଲା ବୋଧେ ଏୟା ଭାବି ଯେ ରୋଗୀର ସମ୍ପର୍କୀୟ କେହି ଜଣେ ଆସିଥିବାରୁ ମା' ଜଣକ କାନ୍ଦି ନିଜର ଦୁଃଖ ଜଣାଉଛି ତାଙ୍କ ଆଗରେ।

: ନରରାକ୍ଷସଗୁଡା କି ନାରଖାର କରିଛନ୍ତି



ମୋ ଝିଅକୁ, ଦେଖନ୍ତୁ ନିଜ ଆଖିରେ ସା'ରେ... ସାରା ଦେହକୁ କୁମୁଡି ରାମ୍ପୁଡି ବିଦାରି ପକାଇଛନ୍ତି ଜଙ୍ଗଲୀ ଭାଲୁ କାମୁଡିଲା ପରି...

ମହିଳାଙ୍କ କାନ୍ଦ ଓ କୋହ ବଢୁଥିଲା ପଛେ କମୁ ନଥିଲା।

ସ୍ଥିର ହୋଇଯାଇଥିଲା ଶୁଭକାନ୍ତଙ୍କ ପାଦ। ସତେ ଯେପରି ସେ ସେଇଠି ଗୋଟେ ପଥର ମୂର୍ତ୍ତି ପାଲଟି ଯାଇଥିଲେ! ତାଙ୍କ ଦୁଇ ଆଖି ଭରି ଯାଇଥିଲା ଲୁହରେ। କ'ଣ କରିବେ ଏବେ ସେ?

ମହିଳାଜଣକୁ ତାଙ୍କ ମନ ବୁଝିଲା ପରି କିଛି କହି ସାନ୍ତ୍ୱନା ଦେବେ ନା ଚୁପ୍ ଚାପ୍ ଯେମିତି ପରିଚୟହୀନ ହୋଇ ସେ ଏଠିକି ଆସିଥିଲେ, ସେହିପରି ନିରବରେ ନିଃଶବ୍ଦରେ ସମସ୍ତଙ୍କ ଅଲକ୍ଷ୍ୟରେ ପଳେଇବେ?

ଏମିତି ଚାଲିଗଲେ ତାଙ୍କ ବିବେକ ତାଙ୍କୁ କ୍ଷମା ଦେବ ତ! ତାଙ୍କ ଆତ୍ମାପୁରୁଷଟି ତାଙ୍କୁ ଧିକ୍କାର କରିବନି!!

ତାଙ୍କୁ କିଛି ବୁଦ୍ଧିବାଟ ଦେଖାଯାଉ ନଥିଲା। ସେଭଳି ପରିସ୍ଥିତିରେ କଣ କରାଯିବ, ତାଙ୍କ ମସ୍ତିଷ୍କ କାମ କରୁନଥିଲା। ଶୋଇଥିବା ସୁରେଖାର ମୁଣ୍ଡରେ ନିଜର ସ୍ନେହାର୍ଦ୍ର ପାପୁଲି ଧରେ ବୁଲାଇ ଆଣି, ମହିଳା ଜଣଙ୍କୁ କୋମଳ ଗଳାରେ ସେ ସାନ୍ତ୍ୱନା ଦେଲେ-

"କିଛି ହେବ ନାହିଁ ଝିଅର। ସେ ଠିକ୍ ହୋଇଯିବ। ଧୈର୍ଯ୍ୟ ଧର।"

ଶୁଭକାନ୍ତ କହିଲେ ଏବଂ ଏକମୁହାଁ ହୋଇ ଫେରିଆସିଲେ ବାହାରେ ଠିଆ ହୋଇଥିବା ନିଜ ଗାଡି ପାଖକୁ।

ଗାଡିର ପଛସିଟ୍‌ରେ ନିଜକୁ ଅଣାୟତ୍ତ ଭାବରେ ଅଜାଡି ଦେଇଥିଲେ ଶୁଭକାନ୍ତ। ସତେ ଯେପରି ତାଙ୍କ ଦେହରୁ ସର୍ବଶେଷ ବୁନ୍ଦା ଜୀବନଶକ୍ତି ନିଗିଡି ଯାଇଛି! ପ୍ରଦୀପ୍ତ କ'ଣ ଗୁଡାଏ କହିଯାଉଥିଲା, ତାଙ୍କୁ ଶୁଭୁ ନଥିଲା କିଛି। ତାଙ୍କୁ ଶୁଭୁ ନଥିଲା ବାହାରର କୋଳାହଳ, ଗାଡି ମଟରର ପେଁ ପାଁ! ଗୋଟେ କାନଫଟା ଭାଁ ଭାଁ ଶବ୍ଦ ତାଙ୍କ ଦୁଇ କାନ ଭିତରେ ପଶି ତାଙ୍କୁ ଅତିଷ୍ଠ କରିପକାଉଥିଲା।

ଘରେ ପହଞ୍ଚିବା ବେଳକୁ ରାତି ଆଠଟା ବାଜିଗଲାଣି।

ରାଜଲକ୍ଷ୍ମୀ ଡ୍ରଇଂରୁମ୍‌ରେ କାହୁଁ ଆସିବା ପରି କାକୁସ୍ଥ ମୁଦ୍ରାରେ ବସିରହିଥିଲେ ତାଙ୍କୁ ଅପେକ୍ଷା କରି। ଶୁଭକାନ୍ତ ଟାୱେଲ ନେଇ ଗାଧୁଆ ଘରେ ପଶିଲେ।

: ପୁଅ ଦେଖାହେଲା? କ'ଣ କହୁଥିଲା? ପୋଲିସ୍‌ବାଲା ତାକୁ ମାରଧର କରି ନାହାନ୍ତି ତ! କେମିତି ଅଛି ସେ? ତାର ଜାମିନ୍ ବାବଦରେ କେଉଁ ଆଡ୍‌ଭୋକେଟ୍ ସହ କଥା ହେଲ କି? - ଆକୁଳ ସ୍ୱରରେ ପଚାରିଲେ ରାଜଲକ୍ଷ୍ମୀ।

ପତ୍ନୀଙ୍କ କୌଣସି ପ୍ରଶ୍ନର ଉତ୍ତର ଦେବାର ମାନସିକତାରେ ନଥିଲେ ଶୁଭକାନ୍ତ। ତାଙ୍କ ମନ ଓ ଶରୀର ଚାହୁଁଥିଲା ବିଶ୍ରାମ। ସେ ନିଜ ଶୋଇବା ଘରକୁ ଚୁପ୍‌ଚାପ୍ ପଶିଯାଉଥିବା ବେଳେ ସମାନ କଥା ଦୋହରାଇଥିଲେ ରାଜଲକ୍ଷ୍ମୀ।

: ସେ କଥା ମୁଁ କେମିତି କହିବି? -ଉତ୍ତର ଦେଲେ ଶୁଭକାନ୍ତ।

: ଥାନାକୁ ଯାଇଥିଲ ପରା! ସେଠି ସଂଜୁ ଦେଖାହେଲାନି?

(କ୍ରମଶଃ)

---

## କିଶୋରୀ କବିତା



## ବର୍ଷା

**ଡ଼. ଦୀପକ କୁମାର ମିଶ୍ର**



ବାଟେଘାଟେ ଫୁଟିଉଠେ
ପ୍ରେମର ଗୋଲାପ
ମାଟିତଳେ ଲୁଚିରହି ଗାଇଦିଏ କେହିଜଣେ
ଓଦାଳିଆ ବାସ୍ନାର ସଙ୍ଗୀତ।

ମେଘର ଆଖିର ଲୁହ ଭସାଇନିଏ
ହସି ହସି ଗାଁଦାଣ୍ଡେ ବାଲୁତଡ଼ଙ୍ଗାକୁ
କ୍ରନ୍ଦନର ବିଡ଼ମ୍ବନାରେ
ହସିଉଠେ ଶୈଶବର ଛନ୍ଦ
ବାନ୍ଧିରଖେ ଘରକୋଣେ
କୋମଳ ବାହୁବନ୍ଧନରେ
ନବପଲ୍ଲବିତ ଯୌବନର ମହମହ ଗନ୍ଧ।

ବିନ୍ଦୁରୁ ସିନ୍ଧୁ, ସିନ୍ଧୁର ଆକାଶ ଦେଇ
ହୋଇଯାଏ ମାଟିମଗ୍ନା
ଘୁମନ୍ତ ସୁନ୍ଦରୀ
ଉଛୁଳା ପ୍ରେମରେ ତା'ର

ଭେଦିଯାଏ ସିନା ଜାଗ୍ରତ ହୃଦୟ
କିନ୍ତୁ ତିନ୍ତେ ନାହିଁ ଦେହ ଆଉ ଛାଇ।

ହୃଦୟରୁ ବୋହିଯାଏ ନଈଟିଏ ହୋଇ
ଆଖିରୁ ଝରିଯାଏ
ସମୁଦ୍ରର ଢେଉଟିଏ ପରି
କେତେ ରୂପ କେତେ ରଙ୍ଗ
ବିରହିଣୀ,ବାରଙ୍ଗନା,
ପ୍ରେମିକା ବା ଶାମୁକାର ମୋତି,
ଝଡ଼ର କଙ୍କଣଟିଏ
କବିତାର ଅନ୍ତଃସ୍ୱର ଭରିଦିଏ ଆସି।

**ଭୁବନେଶ୍ୱର**
**ଦୂରଭାଷ : ୮୨୮୦୨୧୧୦୦୦**

---

## ହୃଦୟ



**କମଳିନୀ ମଲ୍ଲିକ**

ଦୁଃଖ ଯନ୍ତ୍ରଣା ଅଥବା
ରୋଗ ଶୋକ ପାଇଁ
କେମିତି ଗୋଟେ ହୃଦୟ
ପଥର ପାଲଟି ଯାଏ
ଯଦି ପତ୍ରର ନରମ ପଣ ବି
ସହି ଯାଉଥାଏ ଖରା, ବର୍ଷା,
ଶୀତ କାକରର ଅଦଉତି
ଯେତେ ଶୁଖୁଥାଏ, ଝଡୁଥାଏ
ସେତେ କଅଁଳିବାର
ନିରବ ପ୍ରୟାସ, ନିରତା ପ୍ରୀତି।
କିଏ କେଉଁଠି ଦେଖିଛି ଯେ
ପଥରରେ ଫୁଲ ଫୁଟୁଥିଲା
ଚିପୁଡିଲେ ପାଣି ଝରୁଥିଲା
ପଥରକୁ ମନ୍ଦାର ସିନ୍ଦୂର ପିନ୍ଧେଇ
ଅଧିଆ ପଡୁଥିଲେ
ମନୋବାଂଛା ପୂରଣ ହେଉଥିଲା।
କେହି କେବେ ଶୁଣିଛ କି
ତୁଠ ପଥର ଦେହରେ
ଶିଉଳି ଲାଗିବାର ଅଭିଯୋଗ
ପାଣି ସୁଅର ତାଡନାରେ
ଭାଙ୍ଗିଯିବାର ପ୍ରତିବାଦ
ନା କେବେ ଋତୁ ରମଣକୁ
ଭୋଗି ନ ପାରିବାର ଅବସାଦ।
ହୃଦୟ ସେମିତି କମନୀୟ ଥାଉ
ସବୁ କଠୋର ପଣ ତରଳି ଯିବ
ସେମିତି ନମନୀୟ ଥାଉ
ଅସରନ୍ତି ବେଦନାକୁ ବି
ଆବୋରି ନେବ
କାଚ ପରି ସ୍ୱଚ୍ଛ ଥିଲେ
ଧୂଳି, ଧୂଆଁ ଓ ଅଳନ୍ଧୁକୁ
ପୋଛି ପାରୁଥିବ
ଆକାଶ ପରି ବ୍ୟାପ୍ତ ଓ
ସାଗର ପରି ଗଭୀର ହୃଦୟକୁ
ପଥରର ସୀମିତ ଅସ୍ତିତ୍ୱରେ ନୁହେଁ
ଫୁଲ ପରି ମୁକୁଳା କରିଦିଅ
ଯେତେ କ୍ଲାନ୍ତ ଓ ଅବସାଦ ଭିତରେ
ଅନ୍ତତଃ ନିଜକୁ ମହକାଉ ଥିବ।
କେବେ କେବେ ମଧୁବନ ବି
ଝଡରେ ଉଜୁଡିଯାଏ
ଫଳନ୍ତି କ୍ଷେତରେ ବାଲି ଚରିଯାଏ
ଉଡନ୍ତା ପକ୍ଷୀର ଡେଣା ଝଡିଯାଏ
ଉହୁଙ୍ଫେଣାରେ ନିଆଁ ଲାଗିଯାଏ
ଆଧାର ଖୋଜା ପିମ୍ପୁଡିଙ୍କ ଧାଡି
ପାଦତଳେ ଚାପି ହୋଇଯାଏ
ତଥାପି ଆଶା ଥାଏ,ଅନ୍ୱେଷଣ ଥାଏ
ପାନପତ୍ରିଆ ନରମ ହୃଦୟଟିକୁ
ପାଷାଣ କରିଦେଲେ
କାହାର କିବା ଯାଏ।

**ଭୁବନେଶ୍ୱର**
**ଦୂରଭାଷ: ୯୮୫୩୫୨୩୮୮୩**

---

## ଜନ୍ମ ଓ ମୃତ୍ୟୁ



**ଡକ୍ଟର ମନୋରଞ୍ଜନ ବିଷୋୟୀ**

ମୁଁ ନିଶ୍ଚୟ ଜନ୍ମ ହୋଇଥିଲି
ମୋ ମାଆର ଗର୍ଭକୁ ବିଦାରୀ
ଯେଉଁଦିନ ବାହାରର ଆଲୁଅ ଦେଖିଲି
ସେଦିନ ଏ ଧରାବକ୍ଷେ
ଅମାବାସ୍ୟା ନିଶ୍ଚେ ହୋଇଥିଲା।
କଳା ଶାଢ଼ୀ କ୍ଷୀଣ ଅଙ୍ଗେ ନାଇ
ବୋଧହୁଏ ଏ ଧରଣୀରାଣୀ
ଚୁପ୍‌ଚାପ୍ ଆଖି ବୁଜିଥିଲା।
ମୋର ମୃତ୍ୟୁ ଦିନ ନିଶ୍ଚୟ
ଏ ଧରାରେ ପୂର୍ଣ୍ଣିମା ହୋଇବ
ଲହରୀର ଗଭୀର ନିଃସ୍ୱନ
ମନେ ମନେ ସ୍ୱର ତୋଳୁଥିବ।
ସେଦିନ ବସନ୍ତ ବର୍ଣ୍ଣ
ଶାଢ଼ୀ ପିନ୍ଧି ଏ ଧରଣୀରାଣୀ
ହସି ହସି ବେଦମ ହୋଇବ।
ସେତେବେଳେ ମୋ ଘଡ଼ିରେ
ହୋଇଥିବ ରାତି ବାର ଅବା କିଛି ବେଶି
ଦୂରରୁ ମନ୍ଦିରର ଘଣ୍ଟଧ୍ୱନି
ସ୍ୱରକୁ ମୁଁ ସଫା ଶୁଣୁଥିବି।
ତା' ପରଦିନ ପିଲାମାନେ
ସ୍କୁଲ ଗଲାବେଳେ
ଚୁପ୍‌ଚାପ୍ କଥା ହେଉଥିବେ
କାଲିର ସେ ତୋଫା ଜହ୍ନ ବକ୍ଷେ
କ'ଣ ପାଇଁ କଳାଦାଗ ଥିଲା
ବୋଧହୁଏ ତା' ପାପର ପ୍ରତିଫଳ ପାଇଁ
ତାକୁ ସେଇ ଶାପ ହିଁ ମିଳିଲା।

**ଦାମୋଦରପୁର, ଗଞ୍ଜାମ**
**ସଂପର୍କ: ୮୮୯୫୧୪୧୭୨୭**

---

## ପିଲାଙ୍କ ଦୁନିଆ








**ଦିବ୍ୟାଂଶୀ ପ୍ରିୟଦର୍ଶୀନୀ**
ଷ୍ଟାଣ୍ଡାର୍ଡ - ୪
ସେଣ୍ଟ୍ ଜାଭିୟର୍ସ ସ୍କୁଲ
ସାଲେପୁର, କଟକ

---

## ବାପାଙ୍କ ଫାଇଲ୍ ଓ ମୋ ଜ୍ୟାମିତି ଖାତା

**ଡଃ ସ୍ମୃତି ପଟ୍ଟନାୟକ**





ଆଜି ବହୁତ ଦିନ ପରେ, ହଠାତ୍ ମନ ଭିତରେ ପ୍ରଶ୍ନ ଟିଏ ଉଙ୍କି ମାରୁଛି, ସତରେ କଣ ଆତ୍ମା ଅବିନଶ୍ୱର? ଆଉ ପରମାତ୍ମାଙ୍କ ସହ ଆତ୍ମାର ମିଳନ? କିଛି ନିର୍ଦ୍ଦିଷ୍ଟତା ଏ ପର୍ଯ୍ୟନ୍ତ ଜଣାପଡୁନି, ତଥାପି ଏଠି ପ୍ରତିଦ୍ୱନ୍ଦିତା ଚାଲିଛି ଦିନ ରାତି ଚବିଶ ପ୍ରହର ନିଜ ନିଜ ମଧ୍ୟରେ, ଅଦ୍ଭୁତ ମାନସିକତା, ତା ଭିତରେ କୋଳାହଳମୟ ଉତ୍କଣ୍ଠା, ନିଜକୁ ନିଜେ ପ୍ରଶ୍ନ ପଚାରିବାର ସମୟ ଉପନୀତ, ଜୀବନଯାତ୍ରାର ଅନଭ୍ୟସ୍ତ ଟ୍ରାଫିକ୍ ପଏଣ୍ଟ, ଯିବା ଆସିବା ଲାଗି ରହିଥାଏ, ସବୁଜ, ନାଲି ଆଲୁଅର ସିଗନାଲ୍ ସ୍ପନ୍ଦନହୀନ ପ୍ରାଣ, ପ୍ରତୀକ୍ଷାର ଅନ୍ତ କେବେ ହେବ? କାହାକୁ ବା ଜଣା! ଗୋଟିଏ ବର୍ଷ ଯାଇ ଆଉ ଗୋଟିଏ ବର୍ଷର ପ୍ରବେଶ ପୃଥିବୀ ପୃଷ୍ଠରେ ହୁଏ, ପୁରୁଣା କ୍ୟାଲେଣ୍ଡର୍ ଜାଗାରେ ନୂଆ କ୍ୟାଲେଣ୍ଡର୍ ଏବେ ଡ୍ରଇଁରୁମ୍‌ର କାନ୍ଥରେ, ଏତେ ପରିବର୍ତ୍ତନ ଭିତରେ ଜୀବନ ଜ୍ୟାମିତିର ଇସ୍ତାହାର ଲାଗୁଚି ଯେମିତି ମିଛ ପ୍ରହେଳିକା, ଦୃଶ୍ୟରୁ ଦୃଶ୍ୟାନ୍ତର, ଶହ ଶହ ପେଜୁଆ ଆଖିର ଉଷ୍ମ ଲୁହ ଟୋପା ଧୂସର ଦିଗବଳୟର ସୀମା ଟପି, ମାଟି ଠାରୁ ମହାକାଶ ପର୍ଯ୍ୟନ୍ତ ସମାନ୍ତରାଳ ସରଳରେଖାର ରେଖାଚିତ୍ରରେ ପ୍ରତିବିମ୍ବିତ, ଜୀବନ ସମୀକରଣର ସର୍ତ୍ତ, ଓ ସମାଧାନ, ଖୁବ୍ ଅବୁଝା ଲାଗୁଚି, ବେଳେବେଳେ ସବୁ ବୁଝି ମଧ୍ୟ ବୁଝି ନ ହେବାର ଅଭିନୟ କରିବାକୁ ହୁଏ, କାହିଁକି ନା ଇର୍ଷା ଓ ଘୃଣାର ପରିବ୍ୟାପ୍ତି ଏତେ ଘନୀଭୂତ ବାୟୁମଣ୍ଡଳରେ, ଖୁବ୍ ଡର ଲାଗେ ବେଳେ ବେଳେ, ନିଜକୁ ନିଜେ ସୁରକ୍ଷାର ବଳୟ ଭିତରେ ରହିବାକୁ ହୁଏଫ ତାଛଡା ଅଚାନକ ଭାବେ କୌଣସି ଘଟଣା କିମ୍ବା ଦୁର୍ଘଟଣା ଘଟିଲେ ସବୁ ଅସଜଡା ହୋଇଯାଏ, ସ୍ୱପ୍ନ ସବୁ ଫିକା ପଡିଯାଏ। ଜୀବନ ଅସାର ଅଲୋଡା ହୋଇଯାଏ।

ହୁଏତ ସମୟ ନିଶ୍ଚିତ ଆସିବ ପୁଣି ସବୁ ଆଗ ଭଳି ହୋଇଯିବ, ବଦଳି ଯିବ, ଜୀବନ ଯାତ୍ରାର ପରିସୀମା ଓ ପରିବ୍ୟାପ୍ତି ଠିକ୍ ଯେମିତି ପ୍ଲୁଟୋ ଗ୍ରହ ଅଦୃଶ୍ୟ ହେଲା ଭଳି ମହାକାଶର ବକ୍ଷରୁ ସମାଧି ନେବ ନୂତନତାର ନିରାଜନାରେ......

ବାପା ଆଜି ସ୍ୱଦେହରେ ନାହାନ୍ତି ସତ, କିନ୍ତୁ ପ୍ରତି ମୁହୂର୍ତ୍ତରେ ତାଙ୍କର ଉପସ୍ଥିତି ମୋତେ ଆନମନା କରୁଛି। ବହୁତ କଥା ମନେ ପଡିଯାଉଛି। ସେବର୍ଷ ମୋର ସପ୍ତମ ଶ୍ରେଣୀ ବୋର୍ଡ ପରୀକ୍ଷା ଥାଏ, ତା ପୂର୍ବରୁ କ୍ଲାସ୍‌ରେ ଦୁଇଟି ପରୀକ୍ଷା। ତ୍ରୟମାସିକ ଓ ଷାଣ୍ମାସିକ ପରୀକ୍ଷା, ତ୍ରୟମାସିକ ପରୀକ୍ଷା ଆଗ ହେଲା ପ୍ରଥମ ଦିନ ଗଣିତ ପରୀକ୍ଷା ଥିଲା ତା ପୂର୍ବଦିନ ଅପରାହ୍ନରେ ମୁଁ ଜ୍ୟାମିତି ବହି ଦେଖୁଥିଲି, କିଛି ବୁଝି ପାରୁନଥିଲି, ସରଳରେଖା,ସମାନ୍ତରାଳ ରେଖା, ଅସମାନ୍ତର ରେଖା, ବର୍ଗ କ୍ଷେତ୍ର, ଆୟତ କ୍ଷେତ୍ର ଇତ୍ୟାଦି କିଛି ବୁଝି ପାରୁନଥିଲି, ଖାଲି କାନ୍ଦ କାନ୍ଦ ଲାଗୁଥିଲା, ବାପା ସେତେବେଳେ ଅଫିସ୍‌ର ଫାଇଲ୍ କାମ କରୁଥିଲେ, ମୋତେ କଣେଇ କଣେଇ ଲକ୍ଷ୍ୟ କରୁଥିଲେ, ହଠାତ୍ ତାଙ୍କ ଫାଇଲ୍ କାମ ଛାଡ଼ି ମୋ ପାଖରେ ଆସି ସପ ଉପରେ ବସିଲେ ବହି ନେଇ ହାତରେ ଧରିଲେ, ସବୁ ପଚାରିଲେ ମୋତେ କିଛି ଆସିଲାନି ତାପରେ ବାପା ଖାତାରେ ସବୁ ବୁଝାଇ ଦେଲେ ଭଲକରି, ମୁଁ ଭାବି ପାରୁ ନଥିଲି ଜ୍ୟାମିତି ପାଠ ଏତେ ସହଜ ବୋଲି, ହେଲେ ମୋ ପାଇଁ କେତେ ଅବୁଝା ଥିଲା?

ସେତେବେଳକୁ ରାତି ଦଶଟା, ମୁଁ ସବୁ ବୁଝି ଯାଇଥିଲି, ମନ ଭିତରେ ଜ୍ୟାମିତିକୁ ଆଉ ଜମା ଭୟ ନଥିଲା। ରାତିରେ ଖାଇ ସାରି ଶୋଇ ପଡିଲି, ଭୋଅର ପାଞ୍ଚଟାରୁ ଉଠି ଆଉଥରେ ସବୁ ପଢିଦେଲି, ବାପା ବି ଉଠି ଯାଇଥିଲେ ମୋ ସାଙ୍ଗରେ, ସେଦିନ ପରୀକ୍ଷା ବହୁତ ଭଲ ହେଲା ଭାରି ଖୁସି ଲାଗୁଥିଲା। ଯେବେ ଗଣିତର ଫଳ ବାହାରିଲା ମୋର ଶହେକୁ ଶହେ ମାର୍କ ଥିଲା। ଖୁସିରେ ମୋ ଗୋଡ ଆଉ ତଳେ ଲାଗୁନଥିଲା। ମୁଁ ଡେଇଁ ଡେଇଁ ସ୍କୁଲରୁ ଘରକୁ ଫେରିଥିଲି ସେଦିନ। ବାପା ସାଲେପୁର ଯାଇଥିଲେ ଫେରିଲା ବେଳକୁ ସାଲେପୁର ରସଗୋଲା, ବରା, ତରକାରୀ ଆଣିଥିଲେ, ସେଦିନର ଖୁସି ଅବ୍ୟକ୍ତ ଥିଲା। ପିଲା ମନରେ ଉଦବେଳନ ସୃଷ୍ଟି ହେଇଥିଲା। ତାପର ଠାରୁ ଜ୍ୟାମିତି ମୋର ସବୁଠାରୁ ପ୍ରିୟ ହୋଇ ଯାଇଥିଲା। ମୋଟା ଜ୍ୟାମିତି ଖାତା ଟିଏ କରିଦେଲି। ବାପା ସବୁଦିନ ଅଫିସ୍‌ରୁ ଫେରିଲା ବେଳକୁ ସଂଧ୍ୟା ଛଅଟା। ଚା ସହ ମୁଢି ନଡିଆ ଖାଆନ୍ତି। ତାପରେ ବାପାଙ୍କର ଅଫିସ୍ ର ଫାଇଲ୍ କାମ କରନ୍ତି ଚେୟାର୍ ଟେବୁଲ୍‌ରେ ବସି। ମୁଁ ସେଇଠି ବାପାଙ୍କ ପାଖରେ ଆଉ ଗୋଟିଏ ଚେୟାର୍‌ରେ ବସି ଜ୍ୟାମିତିର ଅଙ୍କନ ସବୁ କରେ, ଭୁଲ୍ ହେଲେ ବାପା କହି ଦିଅନ୍ତି।

ଏମିତିରେ ଷାଣ୍ମାସିକ ପରୀକ୍ଷା ବି ସରିଗଲା। ବୋର୍ଡ ପରୀକ୍ଷା ବେଳକୁ ମୋର ସବୁ ପାଠ ଭଲରେ ସରିଯାଇଥିଲା। ଖାସ୍ କରି ଜ୍ୟାମିତି ବହୁତ ସହଜ ଲାଗୁଥିଲା। ଆମ ସ୍କୁଲ ଠାରୁ ପାଞ୍ଚ କିଲୋମିଟର ଦୂରରେ ଅବସ୍ଥିତ ଏକାମ୍ର ହାଇସ୍କୁଲରେ ବୋର୍ଡ ପରୀକ୍ଷାର ସେଣ୍ଟର ପଡିଥିଲା। ଆମେ ସବୁ ପିଲାମାନେ ସେଠି ରହୁଥିଲୁ ସାର୍ ମାନେ ଓ ସ୍କୁଲର ଦିଦି ମାନେ ଆମ ସହ ରହୁଥିଲେ। ବାପା ସବୁଦିନ ମୋତେ ଦେଖା କରିବାକୁ ଯାଉଥିଲେ ସଂଧ୍ୟା ବେଳକୁ ଅଫିସ୍‌ରୁ ଫେରି। ଗଣିତ ପରୀକ୍ଷା ଦିନ ବାପା ଅଫିସରୁ ଛୁଟି ନେଇଥିଲେ। ସେଦିନ ପରୀକ୍ଷାରେ ବହୁତ ଭଲ ହେଲା। ପରୀକ୍ଷା ସରିଲା ପରେ ମୁଁ ହଲ୍‌ରୁ ବାହାରକୁ ଆସିଲା ବେଳକୁ ବାପା ଛିଡା ହୋଇଥିଲେ ସ୍କୁଲର ମୁଖ୍ୟ ଦ୍ୱାର ପାଖରେ, ଆଉ ତାଙ୍କ ସହ ରାୟ ମଉସା ଥିଲେ। (କ୍ରମଶଃ)

# ସ୍ୱକ୍ଷ କାର୍ଯ୍ୟକ୍ରମ ଅଧୀନରେ ଅସ୍ତରଙ୍ଗ ବ୍ଲକରେ ଉଦ୍ୟୋଗୀ ପରାମର୍ଶ ଶିବିର



**ଅସ୍ତରଙ୍ଗ :** ରାଜ୍ୟ ସରକାରଙ୍କ ଆତ୍ମନିଯୁକ୍ତି ତଥା ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ 'ସ୍ୱକକ୍ଷ' ଅଧୀନରେ ବିଭିନ୍ନ ସ୍ଥାନରେ 'ଉଦ୍ୟୋଗୀ ପରାମର୍ଶ ଶିବିର' ଆୟୋଜନ କରାଯାଉଛି। ମଙ୍ଗଳବାର ଦିନ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର କେନ୍ଦ୍ରାପତିଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଠାରେ ସ୍ୱକକ୍ଷ ଅଧୀନରେ ଉଦ୍ୟୋଗୀ ଦକ୍ଷତା ବିକାଶ ତାଲିମ ନେଇଥିବା ସ୍ଥାନୀୟ ଅଞ୍ଚଳର ପ୍ରାର୍ଥୀମାନଙ୍କୁ ବିଭିନ୍ନ ପ୍ରକାରର ବ୍ୟବସାୟ ସ୍ଥାପନା ଲାଗି ଆବଶ୍ୟକ ସହାୟତା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ 'ସ୍ୱକକ୍ଷ' ଅଧୀନରେ ଉଦ୍ୟୋଗୀ ଦକ୍ଷତା ବିକାଶ ତାଲିମ ଶେଷ କରିଥିବା ସ୍ଥାନୀୟ ଅଞ୍ଚଳର ପ୍ରାର୍ଥୀମାନେ ଯୋଗ ଦେଇଥିଲେ। ସେଠାରେ ସେମାନଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ତା'ଛଡ଼ା ବ୍ୟବସାୟ ସ୍ଥାପନା ଲାଗି ପ୍ରାର୍ଥୀମାନଙ୍କର ଆବଶ୍ୟକ ହେଉଥିବା ଉଦ୍ୟମ ଆଧାର ମଧ୍ୟ ପଞ୍ଜୀକରଣ କରାଯାଇଥିଲା। 'ଉଦ୍ୟୋଗୀ ପରାମର୍ଶ ଶିବିର'ରେ ବିଭିନ୍ନ ବ୍ୟାଙ୍କ ଅଧିକାରୀଙ୍କ ସହ ବଜାର ବିଶେଷଜ୍ଞ ଏବଂ ପ୍ରମୁଖ ଅଂଶୀଦାରମାନେ ଯୋଗ ଦେଇଥିଲେ। ଏହି ଅବସରରେ ୧୬ରୁ ଅଧିକ ପ୍ରାର୍ଥୀ ନିଜ ନିଜର ବ୍ୟବସାୟ ସ୍ଥାପନା ଲାଗି ଆବଶ୍ୟକ ବ୍ୟାଙ୍କ ଋଣ ପାଇଁ ଆବେଦନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟାଙ୍କ ଅଧିକାରୀ ତାହା ଗ୍ରହଣ କରିଥିଲେ। 'ସ୍ୱକକ୍ଷ' କାର୍ଯ୍ୟକ୍ରମ ଅଧୀନରେ ସଫଳତାର ସହ ତାଲିମ ଶେଷ କରିଥିବା କେତେକ ପ୍ରାର୍ଥୀ ସେମାନଙ୍କ ସ୍ୱପ୍ନ କିପରି ସାକାର ହେଉଛି ସେ ବିଷୟରେ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧନ ଅଧିକାରୀ ସଞ୍ଜିତ ମହାନ୍ତି, ବିଶ୍ୱ ଦକ୍ଷତା କେନ୍ଦ୍ରର ଜେନେରାଲ ମ୍ୟାନେଜର ଜିତେନ୍ଦ୍ର ମୋହନ ସାହୁ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅସ୍ତରଙ୍ଗ ଶାଖାର ପ୍ରବନ୍ଧକ ସମୀର କୁମାର ନାୟକ, ଅସ୍ତରଙ୍ଗ ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ମିଶ୍ର, ପାଲାଡିୟମ ଇଣ୍ଡିଆର କମ୍ୟୁନିକେସନ ମ୍ୟାନେଜର ପାରୁଲ ଶର୍ମା, ସହଯୋଗୀ ନିର୍ଦ୍ଦେଶକ ସୌମେନ୍ଦ୍ର ଚୌଧୁରୀ, ପ୍ରକଳ୍ପ ସଂଯୋଜକ ରାଜକୁମାର ନାୟକ, ହମାରା ବଚପନ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅର୍ପିତା ପଟ୍ଟନାୟକ, ଓମଫେଡ୍ ପୁରୀ ଜିଲ୍ଲାର ମାର୍କେଟିଂ ସୁପରିଣ୍ଟେଣ୍ଡେଣ୍ଟ ଜଗଦୀଶ ମଲ୍ଲିକ, ୟୁକୋ ବ୍ୟାଙ୍କ ଅସ୍ତରଙ୍ଗ ଶାଖାର ବ୍ୟାଙ୍କ ମିତ୍ର ସ୍ୱୟମତାରା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧୀନରେ ତଥା ବିଶ୍ୱ ଦକ୍ଷତା କେନ୍ଦ୍ର ଦ୍ୱାରା 'ସ୍ୱକକ୍ଷ'ର ପରିଚାଳନା କରାଯାଉଛି। ସ୍ୱକକ୍ଷ କାର୍ଯ୍ୟକ୍ରମର ମୁଖ୍ୟ ସହଯୋଗୀ ସଂସ୍ଥା ପାଲାଡିୟମ କନସଲ୍ଟିଂ ତଥା ଏହାସହ ଥିବା ଅନ୍ୟତମ ସହଯୋଗୀ ସଂସ୍ଥା ହମାରା ବଚପନ ଟ୍ରଷ୍ଟ 'ଉଦ୍ୟୋଗୀ ପରାମର୍ଶ ଶିବିର'ର ପରିଚାଳନା କରୁଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତାକାଲି ବ୍ରହ୍ମଗିରି ବ୍ଲକର ମୁଦିରଥଠାରେ ଆୟୋଜନ କରାଯିବ। ରାଜ୍ୟ ସରକାରଙ୍କ ଅଭିନବ କାର୍ଯ୍ୟକ୍ରମ 'ସ୍ୱକକ୍ଷ' ଅଧୀନରେ ପର୍ଯ୍ୟାୟକ୍ରମେ ଓଡ଼ିଶାର ୧୦ ହଜାର ଯୁବକ ଯୁବତୀଙ୍କୁ ଆତ୍ମନିଯୁକ୍ତି ତଥା ଉଦ୍ୟୋଗୀ ଦକ୍ଷତା ବିକାଶ ଲାଗି ୧୦୦ ଘଣ୍ଟାର ତାଲିମ ଦିଆଯାଉଛି। ସେମାନଙ୍କ ମଧ୍ୟରୁ ୧ ହଜାର ବ୍ୟକ୍ତି କିପରି ନିଜ ନିଜ ଅଞ୍ଚଳରେ ବିଭିନ୍ନ ପ୍ରକାର ବ୍ୟବସାୟ ପ୍ରତିଷ୍ଠା କରିପାରିବେ ସେଥିପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରାଥମିକ ତାଲିମ ଶେଷ ପରେ ପ୍ରାର୍ଥୀମାନଙ୍କୁ ୨୪ ସପ୍ତାହ ଯାଏଁ ବ୍ୟକ୍ତିଗତ ପରାମର୍ଶଭିତ୍ତିକ ବିଶେଷ ସହାୟତା ଦିଆଯାଉଛି। ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରତିଟି ପର୍ଯ୍ୟାୟରେ ୨୫ ପ୍ରତିଶତ ମହିଳାଙ୍କ ଅନ୍ତର୍ଭୁକ୍ତିକୁ ପ୍ରାଥମିକତା ଦିଆଯାଉଛି। ଉଦ୍ୟମୀ ଯୁବକ ଯୁବତୀଙ୍କୁ ବ୍ୟବସାୟ ପ୍ରତିଷ୍ଠା ଲାଗି ବିଭିନ୍ନ ପ୍ରକାର ତାଲିମ ମଧ୍ୟରେ କାରବାର ପରିଚାଳନା, ଆର୍ଥିକ ପରିଚାଳନା, ବଜାର ସଂଯୋଗ, ବ୍ୟାଙ୍କ ଋଣ ଏବଂ ନେତୃତ୍ୱ ବିକାଶ ଆଦି ବିଷୟ ରହିଛି। ଏହାସହ ମକ୍ ପିଚ୍ ମାଧ୍ୟମରେ ଭବିଷ୍ୟତର ଉଦ୍ୟୋଗୀମାନଙ୍କୁ ପ୍ରତିଷ୍ଠିତ ଉଦ୍ୟୋଗୀ ଏବଂ ବିଶେଷଜ୍ଞଙ୍କ ସହ ଯୋଡ଼ା ଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆସନ୍ତା ...

ରହିଛି ବୋଲି ସେ କହିଛନ୍ତି। ଅମିତ ଶାହ କହିଛନ୍ତି ଯେ ମୋଦୀ ସରକାର ୨୦୧୪ ରୁ ବାମପନ୍ଥୀ ଉଗ୍ରବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛନ୍ତି। ଆଗରୁ ଶୂନ୍ୟ ସହନଶୀଳତା ନୀତି ଯୋଗୁଁ ଗତ ୪ ଦଶନ୍ଧି ମଧ୍ୟରେ ସର୍ବନିମ୍ନ ହିଂସା ଓ ମୃତ୍ୟୁ ୨୦୨୨ରେ ରେକର୍ଡ କରାଯାଇଛି। ୨୦୦୫ରୁ ୨୦୧୪ ତୁଳନାରେ ୨୦୧୪ରୁ ୨୦୨୩ ମଧ୍ୟରେ ବାମପନ୍ଥୀ ଉଗ୍ରବାଦ ସମ୍ପୃକ୍ତ ହିଂସାରେ ୫୨ ପ୍ରତିଶତ ହ୍ରାସ ପରିଲକ୍ଷିତ ହୋଇଛି। ସେହିପରି ମୃତ୍ୟୁ ମାମଲା ୬୯ ପ୍ରତିଶତ, ସୁରକ୍ଷା ବାହିନୀଙ୍କ ମୃତ୍ୟୁ ୭୨ ପ୍ରତିଶତ ଏବଂ ନାଗରିକଙ୍କ ମୃତ୍ୟୁ ସଂଖ୍ୟା ୬୮ ପ୍ରତିଶତ ହ୍ରାସ ଘଟିଛି। କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ବାମପନ୍ଥୀ ଉଗ୍ରବାଦକୁ ପାଣ୍ଠି ଯୋଗାଣ ଉପରେ ରୋକ ଲଗାଇବା ପାଇଁ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନଆଇଏ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମସ୍ତ ରାଜ୍ୟ ଏଜେନ୍ସି ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛନ୍ତି। ସେ କହିଛନ୍ତି ଯେ ବାମପନ୍ଥୀ ଉଗ୍ରବାଦର ଆର୍ଥିକ ନେଟୱର୍କକୁ ଭାଙ୍ଗିବା ପାଇଁ ସମସ୍ତ ପ୍ରଭାବିତ ରାଜ୍ୟ ନାଗରିକ ଏବଂ ପୋଲିସ ପ୍ରଶାସନର ମିଳିତ ଟିମ୍ ଗଠନ କରି ପ୍ରୟାସ କରିବା ଆବଶ୍ୟକ। ମୋଦୀ ସରକାର ୨୦୧୭ରେ ବାମପନ୍ଥୀ ଉଗ୍ରବାଦ ପୀଡ଼ିତଙ୍କ ପାଇଁ ଅନୁକମ୍ପା ରାଶି ୫ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିଲେ, ଯାହାକୁ ଏବେ ୪୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ବୋଲି ସେ କହିଛନ୍ତି। ଅମିତ ଶାହ କହିଛନ୍ତି ଯେ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଜିଲ୍ଲାଗୁଡ଼ିକର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ମୋଦୀ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ସଡ଼କ ନିର୍ମାଣ, ଟେଲିକମ୍, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଦକ୍ଷତା ବିକାଶ ଓ ଶିକ୍ଷା ଭଳି କ୍ଷେତ୍ର ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ଶ୍ରୀ ଶାହ କହିଛନ୍ତି ଯେ ବାମପନ୍ଥୀ ଉଗ୍ରବାଦ ଦ୍ୱାରା ସର୍ବାଧିକ ପ୍ରଭାବିତ ଜିଲ୍ଲାଗୁଡ଼ିକ ପାଇଁ ବିଶେଷ କେନ୍ଦ୍ରୀୟ ସହାୟତା (ଏସସିଏ) ଯୋଜନା ଅଧୀନରେ ୧୪୦୨ରୁ ଅଧିକ ପ୍ରକଳ୍ପ ଆରମ୍ଭ କରିଛନ୍ତି। ସେ କହିଛନ୍ତି ଯେ ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୮୦% ରୁ ଅଧିକ ସମ୍ପୂର୍ଣ୍ଣ ହୋଇଛି ଏବଂ ଏହି ଯୋଜନା ଅଧୀନରେ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ରାଜ୍ୟଗୁଡ଼ିକୁ ୩୧୨୯୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ରାଜ୍ୟଗୁଡ଼ିକର ସୁରକ୍ଷିତ ଥାନା ନିର୍ମାଣ, ରାଜ୍ୟ ଗୁଇନ୍ଦା ଶାଖା ଓ ସ୍ୱତନ୍ତ୍ର ବାହିନୀକୁ ସୁଦୃଢ଼ କରିବା ପାଇଁ ୯୯୨ କୋଟି ଟଙ୍କାର ସ୍ୱତନ୍ତ୍ର ଭିତ୍ତିଭୂମି ଯୋଜନା (ଏସଆଇଏସ୍) ପ୍ରକଳ୍ପ ମଞ୍ଜୁର କରାଯାଇଛି। ମୋଦୀ ସରକାର ପୂର୍ବ ତୁଳନାରେ ୯ ବର୍ଷରେ ପ୍ରାୟ ଦୁଇ ଥର ସୁରକ୍ଷା ସମ୍ବନ୍ଧୀୟ ବ୍ୟୟ (ଏସଆରଇ) ବୃଦ୍ଧି କରିବାକୁ ପଦକ୍ଷେପ ନେଇଥିବା ସେ କହିଛନ୍ତି।

### 'ସହଯୋଗ ...

ଅଗ୍ନିଶମ ସେବା ଡିଜି ଓ. ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ସରକାରଙ୍କ ସଂପୃକ୍ତ ୧୨ଟି ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଉପସ୍ଥିତ ଥିଲେ। ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଏଚ୍.ଆର୍. ବିଶ୍ୱାସ ଯୋଗଦେଇ ରାଜ୍ୟରେ ବାତ୍ୟା ସତର୍କତା ସୂଚନା ପଦ୍ଧତି ସଂପର୍କରେ ଅବଗତ କରାଇଥିଲେ। ବୈଠକରେ ଓଡ୍ରାଫ୍, ଏନ୍.ଡି.ଆର୍.ଏଫ୍, ଅଗ୍ନିଶମ ବିଭାଗ ଆଦିର ପ୍ରସ୍ତୁତି ସଂପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ସ୍ତରୀୟ ଓ କାର୍ଯ୍ୟାନୁଷ୍ଠାନ ଦଳଗୁଡ଼ିକ ପାଇଁ ଆବଶ୍ୟକ ଥିବା ଯନ୍ତ୍ରପାତି ଗୁଡ଼ିକର ସ୍ଥିତି ଅନୁଧ୍ୟାନ ସହ ଆବଶ୍ୟକସ୍ଥଳେ ଗୁଣାତ୍ମକମାନର ନୂତନ ଯନ୍ତ୍ରପାତି କ୍ରୟ କରି ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବିଭାଗରେ ବାତ୍ୟା ପରିଚାଳନା ନେଇ ଏସ୍‌ଓପି ଥିବା ସତ୍ତ୍ୱେ ସମସ୍ତ ବିଭାଗମାନଙ୍କୁ ନିଜ ନିଜ ବିଭାଗରେ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ବୈଠକ କରି ପ୍ରସ୍ତୁତିର ଅନୁଧ୍ୟାନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପରିଚାଳନା ନିର୍ଦ୍ଦେଶକ ଡ଼. ଜ୍ଞାନ ରଞ୍ଜନ ଦାସ ଓଡ଼ିଶାରେ ବିପର୍ଯ୍ୟୟ ମୁକାବିଲା ପାଇଁ ଉପଲବ୍ଧ ରିସୋର୍ସ (ସମ୍ବଳ) ନେଟୱାର୍କ ଓ ପ୍ରସ୍ତୁତି ସଂପର୍କରେ ଅବଗତ କରାଇଥିଲେ। ଭାରତୀୟ ପାଣିପାଗ ବିଭାଗ ସହ ସମନ୍ୱୟ ରକ୍ଷା କରି ଆବଶ୍ୟକ ପ୍ରସ୍ତୁତି ଜାରି ରହିଥିବା ସୂଚନା ଦେଇଥିଲେ।

### ଭର୍ଚୁଆଲ ...

ଦେବାକୁ ଲେଲେ ଟେକ୍ନୋଲୋଜି ଅନୁକୂଳ ହେବା ଦରକାର। ନଚେତ୍ ଟେକ୍ନୋଲୋଜି ସହ ନିଜକୁ ପରିଚିତ କରାଇବା ପାଇଁ ପର୍ଯ୍ୟାପ୍ତ ପ୍ରଶିକ୍ଷଣ ସୁନିଶ୍ଚିତ କରିବାକୁ ପଡ଼ିବ। ସୁପ୍ରିମକୋର୍ଟ ବିଚାରପତିଙ୍କ କ୍ଷେତ୍ରରେ ମଧ୍ୟ ଏହା ପ୍ରଯୁଜ୍ୟ। ବୈଷୟିକ ଜ୍ଞାନକୌଶଳ ଏକ ବିକଳ୍ପ ନୁହେଁ ବରଂ ଏକ ଜରୁରୀ ଉପକରଣ ବୋଲି କହି ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ କହିଛନ୍ତି ଯେ ଏହି ବୈଷୟିକ ପରିବର୍ତ୍ତନକୁ ଗ୍ରହଣ କରିବାକୁ ଓକିଲମାନଙ୍କୁ ଉତ୍ସାହିତ କରିବା ଜରୁରୀ, କାରଣ ଇଣ୍ଟରନେଟ୍ ବର୍ତ୍ତମାନ ସମସ୍ତ କୋର୍ଟରେ ଉପଲବ୍ଧ। ଏହାପରେ କୋର୍ଟ ଏସଂକ୍ରାନ୍ତରେ ଅନେକ ନିର୍ଦ୍ଦେଶନାମା ଜାରି କରିଥିଲେ, ଯେଉଁଥିରେ କୁହାଯାଇଛି ଯେ କୌଣସି ହାଇକୋର୍ଟ କୌଣସି ଓକିଲଙ୍କୁ ଭିଡିଓ କନଫରେନ୍ସିଂ ସୁବିଧା କିମ୍ବା ହାଇବ୍ରିଡ୍ ଶୁଣାଣି ପାଇଁ ମନା କରିପାରିବେ ନାହିଁ। ଅନ୍ୟ ଏକ ନିର୍ଦ୍ଦେଶନାମାରେ ସମସ୍ତ ଓକିଲ ଓ ଆବେଦନକାରୀଙ୍କୁ ମାଗଣା ୱାଇଫାଇ ସମେତ ପର୍ଯ୍ୟାପ୍ତ ଇଣ୍ଟରନେଟ୍ ସୁବିଧା ଯୋଗାଇ ଦେବାକୁ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ବଢୁଛି ...

ଉଠାଉଥିବା ରାଜ୍ୟ ସରକାର ଷ୍ଟାର ଯୋଜନାରେ କୋଟି କୋଟି ବିନିଯୋଗ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। କରୋନା ପରବର୍ତ୍ତୀ ସମୟରେ ଦୁର୍ଗମ ଅଞ୍ଚଳରେ ଗରିବ ଡ୍ରପଆଉଟ ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ଫେରାଇ ଆଣିବାକୁ ୨୦୨୧ରେ ରାଜ୍ୟର ୧୦ଟି ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ୨ଟି ଲେଖାଏଁ ହଷ୍ଟେଲ ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିପାଇଁ ପ୍ରତି ହଷ୍ଟେଲ ପାଇଁ ୫୧ ଲକ୍ଷ ୧୦ ହଜାର ଟଙ୍କା ଅନୁଦାନରେ ହଷ୍ଟେଲ ନିର୍ମାଣ ହୋଇଥିଲା। କିନ୍ତୁ ଅବ୍ୟବସ୍ଥା ଓ ରକ୍ଷଣାବେକ୍ଷଣ ଅଭାବ କାରଣରୁ ମାତ୍ର ଗୋଟିଏ ବର୍ଷ ପରେ ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକର ତାରଲାକୋଟାରେ ବାଳକ ହଷ୍ଟେଲ ଓ ମାଥିଲି ବ୍ଲକ ଅାଁଳାପଦରରେ ବାଳିକା ହଷ୍ଟେଲରେ ତାଲା ପଡ଼ିଥିଲା। ଏପଟେ ପୁନର୍ବାର ହଷ୍ଟେଲ ଚଳାଇବା ପାଇଁ ଅଭିଭାବକ ଓ ଛାତ୍ରମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କଥା ଦେଇ ହାତ ଛାଡ଼ିଦେଲେ ରାଜ୍ୟ ସରକାର। ଯୋଜନା କାର୍ଯ୍ୟକାରୀ କରିବାକୁ ମାଷ୍ଟର ପ୍ଲାନ ସହ ଓଡ଼ିଶା ସମେତ ୬ ରାଜ୍ୟକୁ ମିଳିଥିଲା କେନ୍ଦ୍ରୀୟ ଅନୁଦାନ। ଯୋଜନା ପାଇଁ ମୋଟ ୫ ହଜା୭୧୮ କୋଟି ଟଙ୍କା ବ୍ୟୟ ଅଟକଳକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ମିଳିଥିଲ। ରାଜ୍ୟରେ ଯୋଜନା କାର୍ଯ୍ୟକାରୀ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ରାଜ୍ୟ ସରକାର, ଡ୍ରପଆଉଟ ପିଲାଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେଇଥିବା ଅଭିଯୋଗ ହୋଇଛି।

### 'ବିଜେଡି ...

କିନ୍ତୁ ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ କନ୍ଧମାଳବାସୀଙ୍କ ଆର୍ଥିକ ବିକାଶ ହେବା ସମ୍ଭବ ହେଉନାହିଁ। ମୋଦି ସରକାର କନ୍ଧମାଳର ପର୍ଯ୍ୟଟନ ବିକାଶ ପାଇଁ ପର୍ଯ୍ୟାପ୍ତ ଅର୍ଥ ଯୋଗାଉଛନ୍ତି କିନ୍ତୁ ରାଜ୍ୟ ସରକାର ଆନ୍ତରିକତା ଅଭାବରୁ ଏହା ବିଫଳ ହୋଇଛି। କନ୍ଧମାଳ ଜିଲ୍ଲାରେ ପର୍ଯ୍ୟଟନ ବିକାଶ ହେଲେ ଦାଦନ ଖଟୁଥିବା ଲୋକ ଉପକୃତ ହେବା ସହ ସେମାନଙ୍କର ଆର୍ଥିକ ସ୍ଥିତିର ବିକାଶ ହେବ। ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ। ଓଡ଼ିଶାରେ କେତେ ଲୋକ ଦାଦନ ଖଟୁଛନ୍ତି ତାହାର ହିସାବ ରଖିବାକୁ ରାଜ୍ୟ ସରକାରଙ୍କୁ ଡର ଲାଗୁଛି। ୨୩ ବର୍ଷର ବିଜେଡି ସରକାରରେ କନ୍ଧମାଳରେ କୃଷି ଓ ପର୍ଯ୍ୟଟନ ଶିଳ୍ପର କୌଣସି ବିକାଶ ହୋଇନାହିଁ ବୋଲି ଶ୍ରୀ ସାମଲ କହିଛନ୍ତି। କେନ୍ଦ୍ରରେ ମୋଦି ସରକାର ଶାସନକୁ ଆସିବା ପରେ ଅନେକ କୃଷକ କଲ୍ୟାଣ ଯୋଜନାକୁ ସଫଳ ଭାବେ ରୂପାୟନ କରିଛନ୍ତି କିନ୍ତୁ, ଓଡିଶାରେ ବିଜେଡି ସରକାର ଏ ସମସ୍ତ ଯୋଜନାର ସୁଫଳକୁ ଚାଷୀମାନଙ୍କ ନିକଟରେ ପହଞ୍ଚାଇବାରେ ବିଫଳ ହୋଇଛନ୍ତି। ଚାଷୀମାନଙ୍କୁ ଉତ୍ପାଦିତ ଶସ୍ୟର ଉଚିତ୍ ମୂଲ୍ୟ ନମିଳିବାରୁ ଅଭାବୀ ବିକ୍ରିର ଶିକାର ହୋଇ ଆର୍ଥିକ ସଂକଟର ସମ୍ମୁଖୀନ ହେଉଛନ୍ତି। ଧାନ, ହଳଦୀ ଓ ପରିବାର ସର୍ବନିମ୍ନ ସହାୟକ ମୂଲ୍ୟ ମିଳୁନାହିଁ। ଜଙ୍ଗଲଭରା ଓ ଆଦିବାସୀବହୁଳ କନ୍ଧମାଳ ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ସଂପୂର୍ଣ୍ଣ ଆର୍ଥୀକ ସହାୟତା ସତ୍ୱେ 'ଫରେଷ୍ଟ ମାଇନର୍ ପ୍ରଡକ୍ଟ' ବା ଲଘୁଜାତ ବନଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଦେବାରେ ବିଫଳ ହୋଇଛନ୍ତି ରାଜ୍ୟ ସରକାର। କନ୍ଧମାଳରେ କୃଷକଙ୍କ ପାଖରୁ ଧାନକିଣା ଠିକ୍‌ଭାବରେ ହେଉନାହିଁ କି ମଣ୍ଡିଖୋଲୁ ନାହିଁ। ଫଳରେ କୃଷକ ଧାନର ଉଚିତ ମୂଲ୍ୟ ପାଇବାରୁ ବଂଚିତ ହେଉଛନ୍ତି। ୨୩ବର୍ଷ ନବୀନ ସରକାର ଚାଷୀଙ୍କ ପାଇଁ ଜଳସେଚନ, ଶୀତଳଭଣ୍ଡାର କରିବାରେ ଫେଲ ମାରିଛି। ଏହା ହୋଇଥିଲେ କନ୍ଧମାଳ ଅଞ୍ଚଳର ଲୋକଙ୍କ ଜୀବନଧାରା ବଦଳି ଯାଆନ୍ତା। ଦୁର୍ନୀତି, ଭ୍ରଷ୍ଟାଚାର ଓ ଅହଂକାରରେ ବୁଡି ରହିଥିବା ବିଜେଡି ସରକାରର କନ୍ଧମାଳର ଆଦିବାସୀଙ୍କ ପ୍ରତି ଘୋର ଅନ୍ୟାୟ କରୁଛି ବୋଲି ଶ୍ରୀ ସାମଲ କହିଛନ୍ତି। ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି।

### ବିଷୟବସ୍ତୁ ...

ପ୍ଲାଟଫର୍ମରେ କୌଣସି ଶିଶୁ ଯୌନ ଶୋଷଣ ବିଷୟବସ୍ତୁ ରଖିବେ ନାହିଁ ତାହା ସୁନିଶ୍ଚିତ କରିବାକୁ ନୋଟିସ ପଠାଇଛୁ। ଆଇଟି ନିୟମ ଅନୁଯାୟୀ ଏକ ସୁରକ୍ଷିତ ଏବଂ ବିଶ୍ୱସନୀୟ ଇଣ୍ଟରନେଟ୍ ନିର୍ମାଣ ନିମନ୍ତେ ସରକାର ସଂକଳ୍ପବଦ୍ଧ। ଆଇଟି ଅଧିନିୟମରେ ଆଇଟି ନିୟମ ଅନୁସାରେ ସୋସିଆଲ ମିଡିଆ ମଧ୍ୟସ୍ଥିମାନେ କଠୋରତାର ସହିତ ସେମାନଙ୍କ ପ୍ଲାଟଫର୍ମରେ ଅପରାଧିକ କିମ୍ବା ହାନିକାରକ ପୋଷ୍ଟକୁ ଅନୁମତି ଦେବେ ନାହିଁ ବୋଲି ଆଶା ରଖାଯାଇଛି । ଯଦି ସେମାନେ ତୁରନ୍ତ ପଦକ୍ଷେପ ନ ନିଅନ୍ତି, ତେବେ ଆଇଟି ଆଇନର ଧାରା ୭୯ ଅନୁଯାୟୀ ସେମାନଙ୍କ ସୁରକ୍ଷିତ ଆଶ୍ରୟ ପ୍ରତ୍ୟାହାର କରାଯିବ ଏବଂ ଭାରତୀୟ ଆଇନ ଅନୁଯାୟୀ ଏହାର ପରିଣାମ ଭୋଗିବାକୁ ପଡ଼ିବ। ମନ୍ତ୍ରୀ ଶ୍ରୀ ରାଜୀବ ଚନ୍ଦ୍ରଶେଖର ଭାରତୀୟ ଇଣ୍ଟରନେଟରୁ ଏଭଳି କ୍ଷତିକାରକ ବିଷୟବସ୍ତୁକୁ ହଟାଇବା ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି, ଯାହା ଦ୍ୱାରା ଏହି ପଦ୍ଧତି ମନ୍ତ୍ରଣାଳୟର ନୀତି ଦୃଷ୍ଟିକୋଣରେ ପରିଣତ ହେବ। ସୂଚନା ପ୍ରଯୁକ୍ତି ବିଦ୍ୟା (ଆଇଟି) ଆଇନ, ୨୦୦୦, ସିଏସ୍‌ଏଏମ ସମେତ ଅଶ୍ଳୀଳ ବିଷୟବସ୍ତୁକୁ ସମ୍ବୋଧିତ କରିବା ପାଇଁ ଆଇନଗତ ଢାଞ୍ଚା ପ୍ରଦାନ କରିଛି। ଆଇଟି ଆଇନର ଧାରା ୬୬ଇ, ୬୭, ୬୭ଏ ଏବଂ ୬୭ବି ଅଶ୍ଳୀଳ କିମ୍ବା ଅଶ୍ଳୀଳ ବିଷୟବସ୍ତୁର ଅନଲାଇନ ପ୍ରସାରଣ ପାଇଁ କଠୋର ଦଣ୍ଡ ଏବଂ ଜରିମାନା ଲାଗୁ କରିଥାଏ।

### ରାଜସ୍ୱ ...

ବ୍ୟୟ ୧୪,୨୭୭ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଅପରପକ୍ଷେ ୨୦୨୧-୨୨ରେ ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ (୪୦,୭୪୮ କୋଟି ଟଙ୍କା) ପୂର୍ବବର୍ଷ ତୁଳନାରେ ୧୮.୯୪ ପ୍ରତିଶତ ବୃଦ୍ଧି ପାଇଥିଲା ଏବଂ ପୂର୍ବ ବର୍ଷ ତୁଳନାରେ ଅଣ-ଟିକସ ରାଜସ୍ୱ (୫୪,୨୫୭ କୋଟି ଟଙ୍କା) ୧୭୭.୯୮ ପ୍ରତିଶତ ବୃଦ୍ଧି ପାଇଥିଲା। ଏହି ସମୟରେ ଓଡ଼ିଶାର ପୁଞ୍ଜି ବ୍ୟୟ ୨୨,୭୨୬ କୋଟି ଟଙ୍କା ରହିଥିଲା, ଯାହାକି ମୋଟ ଖର୍ଚ୍ଚ ୧,୩୪,୦୦୦ କୋଟି ଟଙ୍କାର ୧୬.୯୬ ପ୍ରତିଶତ ରହିଥିଲା। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମହାଲେଖାକାର ବିଶ୍ୱନାଥ ସିଂହ ଯାଦୋନ, ବରିଷ୍ଠ ଉପ ମହାଲେଖାକାର ଦୀପକ ରଘୁ, ଉପ ମହାଲେଖାକାର ଏକତା ସିଂହ,ସଚିନ କୌଶିକ,ତାନ୍ୟା ଆମ୍ବାଷ୍ଟା, ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ (ରିପୋର୍ଟ) ସୁକାନ୍ତ କୁମାର ମଲ୍ଲ ଓ ଅଶୋକ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମେନ୍ଦ୍ରଙ୍କ ...

ବର୍ତ୍ତମାନ ରାଜସ୍ଥାନ ଏବଂ ଛତିଶଗଡରେ କଂଗ୍ରେସ ସରକାର ଥିବାବେଳେ ମଧ୍ୟପ୍ରଦେଶରେ ବିଜେପି କ୍ଷମତାରେ ଅଛି। ତେଲେଙ୍ଗାନାରେ କେସିଆରଙ୍କ ସରକାର ଥିବାବେଳେ ଧର୍ମେନ୍ଦ୍ର କହିଛନ୍ତି ଯେ ଏହି ୪ଟି ରାଜ୍ୟରେ ବିଜେପିର ସରକାର ଗଠନ ହେବ। ସେହିପରି କେନ୍ଦ୍ର ସରକାର ଇଡିର ଅପବ୍ୟବହାର କରୁଥିବା ନେଇ ବିରୋଧୀ ଆଣିଥିବା ଅଭିଯୋଗକୁ ନେଇ ଧର୍ମେନ୍ଦ୍ର କହିଛନ୍ତି ଯେ ଯେଉଁମାନେ ଭୁଲ୍ କାମ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦିଲ୍ଲୀରେ ଅବକାରୀ ନୀତି ମାମଲାରେ ଦୁର୍ନୀତି ସାମ୍ନାକୁ ଆସିଥିଲା। ଯେଉଁମାନେ ଦୁର୍ନୀତି କରୁଛନ୍ତି, ସେମାନଙ୍କୁ କିଭଳି ଛଡ଼ାଯିବ ବୋଲି ସେ କହିଛନ୍ତି।

### ମୋଦି ସରକାର ...

ଜୀବନ ରୂପକ ମହାସାଗରକୁ ସତ୍ୟ ଓ ନିଷ୍ଠାର ସହ ଦେଖିବାକୁ ଯିଏ ସାହାସ ରଖିଛି ସେ ହିନ୍ଦୁ। ହିନ୍ଦୁର ଚରିତ୍ର ବାବଦରେ ସେ କହିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ ହିନ୍ଦୁ ସମସ୍ତଙ୍କୁ ଶ୍ରଦ୍ଧା କରେ, ସେ ସବୁ ରାସ୍ତାକୁ ଶ୍ରଦ୍ଧା କରେ, ସମସ୍ତଙ୍କୁ ଆଦର କରେ ଓ ସେମାନଙ୍କ ଉପସ୍ଥିତକୁ ନିଜର ଭାବି ସ୍ୱୀକାର କରେ। କେତେ ବିଶାଳ, କେତେ ଉଦାର, କେତେ ଗଭୀର, କେତେ ଅନୁଶୀଳନ ସାପେକ୍ଷ ରାହୁଲ ଗାନ୍ଧୀଙ୍କ ମତ। ଶ୍ରୀ ବେହେରା ଏଠି ପ୍ରଶ୍ନ କରିଛନ୍ତି ଯେ କିଏ ବାସ୍ତବରେ ବିଦେଶୀ ଶକ୍ତି ଦ୍ୱାରା ପରିଚାଳିତ ? ଏହା ଦେଶବାସୀ ଜାଣନ୍ତି, ପ୍ରଧାନମନ୍ତ୍ରୀ ମହୋଦୟ ଚାଇନାର ରାଷ୍ଟ୍ରପତି ଜି. ଜିନ୍ ପିଙ୍ଗ୍ ଙ୍କ ସହ ୨୦ ଥର ସାକ୍ଷାତ ଆଲୋଚନା କରିଛନ୍ତି। ତା' ମଧ୍ୟରୁ ଗୋଟିଏ ଥର ଝୁଲଣାରେ ଝୁଲି ସାକ୍ଷାତ କରିଛନ୍ତି। ପ୍ରଧାନମନ୍ତ୍ରୀ ଜୁନ୍ ୧୯, ୨୦୨୦ ରେ ଚାଇନାର ଅନୁପ୍ରବେଶକୁ ଅସ୍ୱୀକାର କରି ତାଙ୍କୁ କ୍ଲିନ୍‌ଚିଟ୍ ଦେଇଛନ୍ତି, ଆଉ ଯିଏ ପିଏମ୍ କେୟାର ଫଣ୍ଡ ସୃଷ୍ଟି କରି ବହୁ ଚାଇନ୍‌ଜ୍ କମ୍ପାନୀ ଠାରୁ ଅର୍ଥ ରାଶି ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ କାହା ଦ୍ୱାରା ପରିଚାଳିତ। ସେ ନିଜ ବିବେକ ଦ୍ୱାରା ପରିଚାଳିତ କି ? ଯେଉଁମାନେ ପ୍ରତିରକ୍ଷା ବିଶେଷଜ୍ଞ, ସେମାନେ କହୁଛନ୍ତି ଭାରତର ହଜାର ହଜାର ବର୍ଗ ମାଇଲ୍ ଭୂମି ବର୍ତ୍ତମାନ ଚାଇନା ଅଧିନରେ। ଭାରତ ସ୍ୱାର୍ଥ ବିରୋଧି ମୋଦୀ-ଜି.ଜିନ୍ ପିଙ୍ଗ୍ ସଂପର୍କ ବର୍ଜନୀୟ। ସଂପର୍କ ବର୍ଜନ ହେଉଛି ନା ସମ୍ପ୍ରସାରିତ ହେଉଛି। ଭାରତବାସୀ ଏହା ପ୍ରଶ୍ନ କରୁଛନ୍ତି। ଏ ସଂପର୍କରେ କାହା ସ୍ୱାର୍ଥ ବଳି ପଡୁଛି। ମାତ୍ର ବିଦେଶୀ ଶକ୍ତି ଦ୍ୱାରା ପରିଚାଳିତ ବୋଲି ରାହୁଲ ଗାନ୍ଧୀଙ୍କୁ ଦୋଷାରୋପ କରିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ମୋଦୀ ଏବଂ ନଡ୍ଡା ଘୃଣା ରାଜନୀତି, ବିଦ୍ୱେଷ ରାଜନୀତି ହିଂସା ସୃଷ୍ଟି କରିବାର ଅଭିସନ୍ଧିକୁ ପ୍ରୋତ୍ସାହନ ଦେଉଛନ୍ତି। ଘୃଣା ରାଜନୀତି ବିଜେପିର ଅସ୍ଥିମଜାଗତ। ତୁ ଯେତେ ମାଠିବୁ ମାଠ, ମୁଁ ସେହି ଦରପଡ଼ା କାଠ। ବିଜେପି ଠାରୁ ଅନ୍ୟ କିଛି ଆଶା କରିବା ବୃଥା। ସଦ୍ୟ ସମାପିତ ଲୋକସଭାରେ ଯେଭଳି ଭାବରେ ବହୁଜନ ସମାଜବାଦୀ ପାର୍ଟିର ଏମ୍.ପି. ଶ୍ରୀଯୁକ୍ତ ଅନୱାର ଡାଲିସ୍ ଅଲ୍ଲୀଙ୍କ ବିରୁଧରେ ଯେଉଁ ବିଶ୍ଳେଷଣ ପ୍ରୟୋଗ କରାଯାଇଛି ତାହା ନିନ୍ଦନୀୟ। ଜଣେ ସାଂସଦକୁ ଆଉ ଜଣେ ବିଜେପି ସାଂସଦ ଏପରି କହିବା ଦୁଃଖ ଦାୟକ। ବିଜେପିର ସାଂସଦ ରମେଶ ବିଦୁରୀ ରାଜ୍ୟସଭାରେ ଏପରି କହିଛନ୍ତି। ଶ୍ରୀ ଅଲ୍ଲୀ ଏହାର ପ୍ରତିବାଦ କରି ବାଚସ୍ପତିଙ୍କୁ ଚିଠି ଲେଖିଲେ। ମାତ୍ର ତାହାର ଫଳ କିଛି ହେଲା ନାହିଁ। ବାଚସ୍ପତି କିଛି ଶୁଣିଲେ ନାହିଁ କି ପ୍ରଧାନମନ୍ତ୍ରୀ କିଛି ଶୁଣିଲେ ନାହିଁ ବରଂ ରମେଶ ବିଦୁରୀଙ୍କୁ ଅଧିକ ଦାୟିତ୍ୱ ଦିଅଗଲା। କ୍ଷମତାର ଅହଂ ବିନାଶର ପଥ ପରିଷ୍କାର କରିବ। ପ୍ରଧାନ ବିରୋଧି ଦଳର ପ୍ରଧାନ ନେତା ରାହୁଲ ଗାନ୍ଧୀଙ୍କ ଉପରେ ଯେଉଁ ଆକ୍ରମଣ କରାଯାଇଛି ସେଥିପ୍ରତି ମୋଦୀ, ନଡ୍ଡା ଓ ବିଜେପି ଦଳ ଦୁଃଖ ପ୍ରକାଶ କରିବା ସହ କ୍ଷମା ମାଗନ୍ତୁ। ରାହୁଲ ଗାନ୍ଧୀ ଜଣେ ଉଦାର ବ୍ୟକ୍ତି। ରାହୁଲ ଗାନ୍ଧୀ କ୍ଷମା ଦେଇ ପାରନ୍ତି କିନ୍ତୁ ଲୋକେ କ୍ଷମା ଦେବେନି। କବିବର ରାଧାନାଥ ରାୟଙ୍କର ପାର୍ବତୀ କାବ୍ୟର ଏକ କାଳଜୟୀ ପଂକ୍ତି ଆଜି ପ୍ରାସଙ୍ଗିକ କହି ଶ୍ରୀ ବେହେରା ଚେତାବନୀ ଦେଲେ ଯେ "ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ ନିଜ ହସ୍ତେ ଅନ୍ୟଡ଼ୋରି, ନିଜ ହସ୍ତ ଡ଼ୋରି ପର ହସ୍ତେ ବନ୍ଧା ହେଲେ ଦିଅନ୍ତି ପାସୋରୀ"। ଏହି ସମୟ ବିଜେପି ଓ ତାଙ୍କ ପ୍ରଧାନମନ୍ତ୍ରୀଙ୍କ ଅପେକ୍ଷାରେ, ଆଶା କରୁଛି ପ୍ରଧାନମନ୍ତ୍ରୀ ଶ୍ରୀ ଯୁକ୍ତ ମୋଦୀ, ଭାରତୀୟ ଜନତା ପାର୍ଟିର ଶ୍ରୀଯୁକ୍ତ ନାଡ୍ଡା ଏ କୁତ୍ସାରଟନାକୁ ପ୍ରତିବାଦ କରିବେ, ସାମାଜିକ ଗଣମାଧ୍ୟମରୁ ଏହାକୁ ଅପସାରଣ କରିବେ ଏବଂ ଏହାର ପ୍ରକାଶନ ଓ ପ୍ରସାରଣ ପାଇଁ କ୍ଷମା ପ୍ରାର୍ଥନା କରିବେ। ତାହା ନ ହେଲେ ଠିକଣା ସମୟରେ ଠିକଣା ଫଳକୁ ଅପେକ୍ଷା କରିବେ ବୋଲି ଶ୍ରୀ ବେହେରା ସତର୍କ କରାଇଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାସ, ରଜନୀ କୁମାର ମହାନ୍ତି, ସାଧାରଣ ସମ୍ପାଦକ ପ୍ରକାଶ ମିଶ୍ର ଓ ଗଣମାଧ୍ୟ ସଂଯୋଜକ ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ହେଲେ ବରିଷ୍ଠ ଆଇନଜୀବୀ ଜୟନ୍ତ କୁମାର ମିଶ୍ର



**କୋରାପୁଟ :** ଜିଲ୍ଲାର ବରିଷ୍ଠ ଆଇନଜୀବୀ ତଥା ବିଜେଡି ସଂଗଠନର ପୁରୁଖା ନେତା ବରିଷ୍ଠ ଆଇନଜୀବୀ ଜୟନ୍ତ କୁମାର ମିଶ୍ରଙ୍କୁ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋରାପୁଟ ବିଜେଡିର ସାଧାରଣ ସମ୍ପାଦକ ଭାବେ ମନୋନୀତ କରିଛନ୍ତି। ଦଳର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବିବୃତିରେ ଏହା ଜଣାଇଛନ୍ତି। ପୂର୍ବରୁ ଶ୍ରୀ ମିଶ୍ର କୋରାପୁଟ ମହାନଗର ନିଗମର ଜୋନାଲ ସଭାପତି ଭାବେ କାର୍ଯ୍ୟ କରୁଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କର ନିକଟତମ ବ୍ୟକ୍ତି ଭାବେ ସେ ବେଶ୍ ଜଣାଶୁଣା। ଶ୍ରୀ ମିଶ୍ର ସୁସାହିତ୍ୟିକ ଏବଂ ଜଣେ ଭଲ ସଂଗଠକ ଭାବେ କୋରାପୁଟ ଅଞ୍ଚଳରେ ପରିଚିତ। ଜିଲ୍ଲାର ସାଧାରଣ ସମ୍ପାଦକ ଭାବେ ମନୋନୀତ ହେବା ପରେ ସେ ମୁଖ୍ୟମନ୍ତ୍ରୀ, ବିଜେଡି ସଂଗଠନ ସମ୍ପାଦକ, ସାଧାରଣ ସମ୍ପାଦକ ଶ୍ରୀ ପାଣିଗ୍ରାହୀ ଏବଂ କୋରାପୁଟ ବିଧାୟକ ରଘୁରାମ ପୋଡାଲଙ୍କୁ କୃତଜ୍ଞତା ଜଣାଇବା ସହିତ ଦଳ ପାଇଁ ଅଧିକ ନିଷ୍ଠାର ସହିତ କାର୍ଯ୍ୟ କରିବେ ବୋଲି କହିଛନ୍ତି।

# ସରକାରୀ ସୁବିଧାରୁ ବଞ୍ଚିତ ଦୁଇ ବୃଦ୍ଧା; ଖେଳପଡ଼ିଆ ପାଲଟିଛି ଆଶ୍ରୟସ୍ଥଳୀ



**ବାରିପଦା,(ବିଜୁ ସିଂ) :** ଗରିବ ଲୋକଙ୍କୁ ସାହାଯ୍ୟ ସୁବିଧା ଯୋଗାଇଦେବା ପାଇଁ ସରକାର ମଲମାଲ ଯୋଜନା କରିଛନ୍ତି , କିନ୍ତୁ ବେଳେବେଳେ ଏପରି ଚିତ୍ର ସାମ୍ନାକୁ ଆସେ ଯାହାକୁ ଦେଖିଲେ ମନରେ ଆସେ ଏହି ଯୋଜନାର ବାସ୍ତବିକ ହିତାଧିକାରୀ କେଉଁମାନେ ଓ ଏହି ସମସ୍ତ ଯୋଜନାର ମୂଲ୍ୟ କଣ ? ଆଧାର କାର୍ଡ ନାହିଁବୋଲି ଦୁଇ ବୃଦ୍ଧଙ୍କ ଜୀବନ ଅନ୍ଧକାର ହେଇପଡିଛି। ନା ମିଳୁଛି ଚାଉଳ ନା ମିଳୁଛି ବାର୍ଦ୍ଧକ୍ୟ ଭତ୍ତା ଆଉ ନା ମିଳୁଛି ମୁଣ୍ଡ ଗୁଞ୍ଜିବା ପାଇଁ ଆବାସ ଘର ଖଣ୍ଡେ, ସତେ ଯେମିତି ଏମାନଙ୍କୁ ବଞ୍ଚି ଥାଉ ଥାଉ ମୃତ୍ୟୁ ଭାବି ନେଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମୟୁରଭଞ୍ଜ ଜିଲ୍ଲା କୁସୁମୀ ବ୍ଲକ ଉପରବେଡା ଗ୍ରାମରେ। ଏହି ଗ୍ରାମରେ ଦୁଇ ବୃଦ୍ଧଙ୍କ ଆଧାର କାର୍ଡ ନ ଥିବାରୁ ସେମାନଙ୍କୁ ସରକାରୀ ସୁବିଧାରୁ ବଞ୍ଚିତ କରାଯାଇଛି। ଯାହା ଦ୍ୱାରା ଏହି ଦୁଇ ବୃଦ୍ଧଙ୍କ ଜୀବନ ଏବେ ନର୍କ ପାଲଟି ଯାଇଛି। ଜଣେ ଖୋଲା ଆକାଶ ତଳେ ଚିରା ଜରିରେ ତମ୍ବୁ କରି ଜୀବନ ଅତିବାହିତ କରୁଥିବାବେଳେ ଆଉ ଜଣେ ଲୋକଙ୍କ ବାରଣ୍ଡାରେ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛନ୍ତି। ତେବେ ଗ୍ରାମରେ ଲୋକ ପ୍ରତିନିଧି ୱାର୍ଡ ମେମ୍ବର, ସରପଞ୍ଚ ଏବଂ ଅଙ୍ଗନବାଡି କର୍ମଚାରୀ ସବୁ ଥାଇ ଏହି ଦୁଇ ବୃଦ୍ଧା କିପରି ସରକାରୀ ଯୋଜନାରୁ ବଞ୍ଚିତ ହେଲେ, କଣ ପାଇଁ ଏତେବର୍ଷ ହେଲା ଏମାନଙ୍କ ଆଧାର କାର୍ଡ ହେଇ ପାରିଲା ନାହିଁ ତାହା ଏବେ ଆଲୋଚନାର ବିଷୟ ପାଲଟିଛି। ତେବେ ଖବର ପାଇ କଲେକ୍ଟର ଅଫିସର ଡିଜିଏମ ମାଡାମ ସେବତୀ କରଙ୍କ ସହିତ ଆଧାର କାର୍ଡର ଜିଲ୍ଲା ପରିଚାଳନ ମାନସ କୁମାର ମହାନ୍ତ, ଅପରେଟର ମୋନଜ କୁମାର ଗୋପଲ ରାଇରଙ୍ଗପୁରରୁ ୧୫୦ କିଲୋମିଟର ଦୂର ଉପରବେଡାକୁ ଯାଇ ସେହି ଦୁଇ ବୃଦ୍ଧାଙ୍କ ଆଧାର କାର୍ଡ ତିଆରି କରିଛନ୍ତି। ତେବେ ଦେଖିବାକୁ ବାକି ରହିଲା ଆଧାର କାର୍ଡ ହେଲା ପରେ ସେମାନଙ୍କୁ ସରକାରୀ ସୁବିଧା ମିଳୁଛି ନା ନାହିଁ।

# କୃଷି ବିଭାଗର ସଂକଳ୍ପ ସପ୍ତାହ ପାଳନ ଅବସରରେ କୃଷି ମହୋତ୍ସବ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ କୃଷି ବିଭାଗ ତରଫରୁ ଡାବୁଗାଁ ପଞ୍ଚାୟତ ସମିତିର ସମସ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସଂକଳ୍ପ ସପ୍ତାହ ପାଳନ ଅବସରରେ କୃଷି ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ବିଭାଗର ବିଭିନ୍ନ ସରକରୀ ଯୋଜନା ଉପରେ ଚାଷୀ ମାନଙ୍କୁ ସଚେତନ କରଯାଇଥିଲା। ଯୋଜନା ଗୁଡିକ ମଧ୍ୟରେ ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷି ଯନ୍ତ୍ରପାତିରେ ସରକାରୀ ରିହାତି ବ୍ୟବସ୍ଥା, ଧାନ ଫସଲରେ ରୋଗ ପୋକ ପରିଚାଳନା, ଓଡିଶା ମିଲେଟ ମିଶନ ତଥା ବିକ୍ରିବଟା, କାଳିଆ ଯୋଜନା, ନାନୋ ୟୁରିଆ ଓ ଡିଏପି ତଥା ଅନ୍ୟାନ୍ୟ ଜୈବିକ ସାରର ପ୍ରୟୋଗ ଉପରେ କୃଷି ଅଧିକାରୀ ମାନେ ଚାଷୀ ମାନଙ୍କୁ ବୁଝାଇଥିଲେ। କେନ୍ଦ୍ର ସରକାରଙ୍କ ପି-ଏମ କିଶାନ ଯୋଜନା ଉପରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, କୃଷି ଅଧିଦର୍ଶକ ଭୀମସେନ ନାୟକ, ନୀଳକଣ୍ଠ ପରିଡା, କିଶୋର ଚନ୍ଦ୍ର ନାୟକ, ମମତା ସାହୁ, ସୁଶାନ୍ତ କୁମାର ରାଉତ, ସହକାରୀ ବୈଷୟିକ ପରିଚାଳକ କେ. ଉଦୟା କୁମାରୀ, ସମସ୍ତ କୃଷକ ସାଥି ଓ ଚାଷୀ ମାନେ ଯୋଗ ଦେଇଥିଲେ।

# ବିଇଓଙ୍କ ବିରୁଦ୍ଧରେ ମାଳମାଳ ଅଭିଯୋଗ

**ଭଦ୍ରକ :** ବର୍ତ୍ତମାନ ବନ୍ତ ବିଇଓ ଭାବେ କାର୍ଯ୍ୟ କରୁଥିବା ମଞ୍ଜୁବାଳା ନାୟକଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଭିଭାବକ। ଏହି ମହାଶୟା କାର୍ଯ୍ୟରେ ଯୋଗଦେବା ଦିନଠାରୁ ବ୍ଲକରେ ଶିକ୍ଷା ବ୍ୟବସ୍ଥାରେ ଘୋର ଅବନତି ଘଟିଥିବାର ଅଭିଯୋଗ ହେଉଛି। ଚର୍ଚ୍ଚା ହେଉଛି ଯେ, ବିଇଓ ମହୋଦୟା ବାରମ୍ବାର ବିଭିନ୍ନ ସ୍କୁଲ ପରିଦର୍ଶନ କରି ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହିତ ବିଭିନ୍ନ ପରାମର୍ଶ ଦେଉଛନ୍ତି। ମାତ୍ର ନିଜର ଅଯୋଗ୍ୟ ପଣିଆକୁ ଲୁଚାଇ ଏଭଳି ନାଟକ କରୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଶ୍ରୀମତୀ ନାୟକ ଜାରି କରୁଥିବା କାରଣ ଦର୍ଶାଅ ନୋଟିସ ଆଧାରରେ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ଭିତିର କାରବାର କରି ସମ୍ପୃକ୍ତ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ଠାରୁ ମୋଟା ଅଙ୍କର ଚାନ୍ଦା ନେଉଥିବା ନେଇ ଅଭିଯୋଗ ହେଉଛି। ବ୍ଲକ ଶିକ୍ଷା ବ୍ୟବସ୍ଥା ନେଇ ଗଣମାଧ୍ୟମ ପ୍ରତିନିଧି ଏବଂ ସୂଚନା ଅଧିକାର କର୍ମୀ ତଥ୍ୟ ମାଗୁଥିଲେ ବି ସେ ଏହାକୁ ବେଖାତିର କରିବା ସହିତ କୌଣସି ସୂଚନା ନ ଦେଇ ସବୁବେଳେ ବ୍ୟସ୍ତ ଥିବା କହୁଛନ୍ତି। ବାସ୍ତବିକ ସେ କୌଣସି ପ୍ରକାର ସରକାରୀ କାର୍ଯ୍ୟରେ ବ୍ୟସ୍ତ ନ ରହି ନିଜ ସ୍ୱାର୍ଥ ହାସଲ ପାଇଁ ଯୋଜନା କରୁଥିବା କୁହାଯାଉଛି। ଚର୍ଚ୍ଚା ହେଉଛି ଏହାଙ୍କ ପୂର୍ବରୁ ଥିବା ବିଇଓ ଅଧିରଞ୍ଜନ ତରାଇ ଭଲ କାମ କରୁଥିଲେ ଏବଂ ତାଙ୍କ ସମୟରେ ବନ୍ତ ବ୍ଲକ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଘଟିଥିଲା। ତେବେ ପ୍ରଶ୍ନ ଉଠୁଛି ଉଭୟ ବିଇଓ ସରକାରଙ୍କ ଠାରୁ ଦରମା ନେଉଥିଲା ବେଳେ ଜଣେ ଭଲ କାମ ପାଇଁ ପ୍ରଶଂସା ଅର୍ଜନ କରୁଥିଲା ବେଳେ ଆଉ ଜଣେ ନିନ୍ଦିତ ହେଉଛି କାହିଁକି ?

# ସୁନାମି ପ୍ରଶିକ୍ଷଣ ଶିବିର



**ଅସ୍ତରଙ୍ଗ :** ଉପକୂଳ ଓଡିଶା ଏକ ପ୍ରାକୃତିକ ବିପର୍ଯ୍ୟୟର କେନ୍ଦ୍ରବିନ୍ଦୁ, ପ୍ରତ୍ୟେକ ବର୍ଷ ଏହି ଉପକୂଳରେ ଅନେକ ବାତ୍ୟା, ଲଘୁଚାପ ଅନୁଭୂତ ହୁଏ। ଯେତେବେଳେ ସୁନାମି ଶବ୍ଦଟି ସାମ୍ନାକୁ ଆସେ ଅତ୍ୟନ୍ତ ଭୟଭିତ ଲଗେ। କାରଣ ଏହି ବଙ୍ଗୋପସାଗରରେ ଅନେକ ଲଘୁଚାପ ଘନୀଭୂତ ହୋଇ ବାତ୍ୟାର ରୂପରେଖ ନିଏ। କେତେବେଳେ ଏହି ବାତ୍ୟା ସୁନାମିର ରୂପରେଖ ନେବ ତାହା କହିବା ସମ୍ଭବ ନୁହେଁ। ସମୁଦ୍ର ମଧ୍ୟରେ ଭୂମିକମ୍ପ ସୃଷ୍ଟି ହେଲେ, ସମୁଦ୍ର ଜୁଆର ସମ୍ପୂର୍ଣ୍ଣ ଜନବସତି ଆଡକୁ ମାଡି ଆସେ ଆଉ ତାହାକୁ ସୁନାମି କୁହାଯାଏ। ଏହି ସୁନାମି ସମୟରେ ସମୁଦ୍ର ତଟବର୍ତ୍ତୀ ଲୋକ କିପରି ନିଜ ଜୀବନକୁ ବଞ୍ଚାଇପାରିବେ ତାହା ନେଇ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ପୁରୀ ଜିଲ୍ଲା ଶିଶୁଅ ପଞ୍ଚାୟତ କେଉଟଜଙ୍ଗା, ତଣ୍ଡାହାର, ବେଲଙ୍ଗ, ବଡସିରେଇ, ଛେନ୍ନୁ, କଟକଣା, ଉଦୟକଣିରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଇଯାଇଛି। ବିଧିବଧ ଭାବେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ବିଭାଗ ବରିଷ୍ଠ ରାଜ୍ୟ ପରାମର୍ଶଦାତା ମେଘନାଦ ବେହେରା, ଏହି ବିଭାଗର ପୁରୀ ଜିଲ୍ଲା ପ୍ରକଳ୍ପ ଅଧିକାରୀ ସୁକାନ୍ତ ଦାସ, ଆଶା ଏନଜିଓ କର୍ମୀ ଅନୁସୟା ପରିଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ତଣ୍ଡାହାର ବାତ୍ୟା ଆଶ୍ରୟସ୍ଥଳରେ ଲୋକମାନଙ୍କୁ ଏକତ୍ରିତ କରି ସୁନାମି ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ତଣ୍ଡାହାର ଗ୍ରାମର ଶତାଧିକ ଲୋକ ଯୋଗ ଦେଇଥିଲେ। ସୁନାମି ଆସିଲେ ସାଇରନ ବାଜିବ ଆଉ ସାଇରନ ଶବ୍ଦ ହେଲେ କିପରି ୨ କିଲୋମିଟର ପର୍ଯ୍ୟନ୍ତ ସୁନାମିର ବିପରୀତ ଦିଗରେ ଦୌଡ଼ି ନିଜ ଜୀବନକୁ ସୁରକ୍ଷିତ କରିପାରିବେ ତାହାକୁ ନେଇ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରରେ ତାଲିମ୍ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମବାସି ତାଲିମ୍ ନେବା ସହିତ ରାଜ୍ୟ ସରକାର ଏବଂ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ସହିଦ୍ ବାଜିରାଉତ : ଏକ ଅମ୍ଳାନ ପ୍ରତିଭା



ପ୍ରେମାନନ୍ଦ ପାଣିଗ୍ରାହୀ





ଭାରତର ମୁକ୍ତି ସଂଗ୍ରାମ ଇତିହାସରେ ଯେଉଁ ମହାନ୍ ବୀର କିଶୋର ବୟସରେ ମାତୃଭୂମି ଭକ୍ତିର ଚରମ ନିଦର୍ଶନ ଦେଖାଇ ଭାରତର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପାଇଛନ୍ତି ସେ ହେଉଛନ୍ତି ଅମର ସହିଦ୍ ବାଜିରାଉତ। ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ୍ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମରେ ୧୯୨୬ ମସିହାରେ ତାଙ୍କର ଜନ୍ମ। ଏକ ଖଣ୍ଡାୟତ ପରିବାରର ହରି ରାଉତ ଓ ରାଣୀଆ ଦେବୀଙ୍କର ସେ ଥିଲେ ପଞ୍ଚମ ସନ୍ତାନ। ବାଜି ଶିଶୁ ଥିବା ସମୟରେ ତାଙ୍କର ପିତୃ ବିୟୋଗ ଘଟିଥିଲା। ପାଠ ପଢିବା ପାଇଁ ବାଜିଙ୍କର ପ୍ରବଳ ଆଗ୍ରହ ଥିଲେ ମଧ୍ୟ ଅଭାବ, ଅନଟନ ତାଙ୍କୁ ଅନ୍ଧକାର ମଧ୍ୟକୁ ଠେଲି ଦେବାକୁ ସର୍ବଦା ତତ୍ପର ଥିଲା।

ସେତେବେଳେ ଢେଙ୍କାନାଳରେ ଗଡଜାତ ଶାସନ ବ୍ୟବସ୍ଥା ଥାଏ । ବ୍ରିଟିଶ୍ ଶାସକଙ୍କ ସହାୟତାରେ ଗଡଜାତର ଶାସକ ରାଜା ଶାସନ କରୁଥିଲେ। ଉଭୟ ଇଂରେଜ ସରକାର ଓ ଗଡଜାତ ରାଜାଙ୍କର ଅଖଣ୍ଡ, ନିର୍ମମ, ନିଷ୍ଠୁର, ଅତ୍ୟାଚାରୀ ଶାସନରେ ପ୍ରଜାମାନେ ଅତିଷ୍ଠ ହୋଇ ଉଠିଥିଲେ। ରାଜାଙ୍କ ଇଚ୍ଛା, ମର୍ଜି ଅନୁସାରେ ମାଜିଷ୍ଟ୍ରେଟ୍, ପୋଲିସ୍, ହାକିମ ଓ ରାଜ କର୍ମଚାରୀ ପରିଚାଳିତ ହେଉଥିଲେ। ଗଡଜାତର ରଜା ପ୍ରଜାମାନଙ୍କର ସ୍ୱାର୍ଥ, ସୁଖ, ସୁବିଧାକୁ ଦୃଷ୍ଟି ଦେଉନଥିଲେ। ବରଂ ପ୍ରଜାମାନଙ୍କୁ ଶୋଷଣ କରୁଥିଲେ। ପ୍ରଜାଙ୍କୁ ଅତ୍ୟଧିକ କର, ସେସ୍ ସାଙ୍ଗକୁ ଭେଟି, ବେଠି, ମାଗଣ, ରସଦ ପ୍ରଭୃତି ଦେଇ ପ୍ରଜାମାନେ ନିଃସ୍ୱ ହୋଇଯାଉଥିଲେ। ଯେତେବେଳେ ପ୍ରଜାମାନେ ବିଦ୍ରୋହ କରିଥାନ୍ତି ସେତେବେଳେ ଏହି ବିଦ୍ରୋହକୁ ଇଂରେଜ ସରକାର ସହଯୋଗରେ ରାଜା ଭଣ୍ଡୁର କରିଦେଉଥାନ୍ତି। ଶାସକଙ୍କର ଏତାଦୃଶ ଅତ୍ୟାଚାରକୁ ବିରୋଧ କରିବାପାଇଁ କିଛି ପ୍ରଜା ଅଣ୍ଟା ଭିଡିଲେ। ୧୯୩୮ ମସିହାରେ ଓଡିଶାର ଗଡଜାତ ମାନଙ୍କରେ ପ୍ରବଳ ଭାବେ ରାଜନୈତିକ ଚେତନାର ସୂତ୍ରପାତ ହେଲା। ସ୍ୱାଧୀନତା ଆନ୍ଦୋଳନର ତାଳେ ତାଳେ ଢେଙ୍କାନାଳ ଗଡଜାତର ପ୍ରଜାମାନଙ୍କ ହୃଦୟରେ ଏକ ବିଦ୍ରୋହାତ୍ମକ ମନୋଭାବ ଉଦ୍ରେକ ହୋଇଥିଲା । ସେମାନେ କ୍ରମେ କ୍ରମେ ନିଜ ନିଜର ଅଧିକାର ବିଷୟରେ ସଚେତନ ହୋଇଥିଲେ। ଢେଙ୍କାନାଳରେ ମହେଶ୍ୱର ସୁବାହୁ ସିଂ, ସାରଙ୍ଗଧର ଦାସ, ବୈଷ୍ଣବ ଚରଣ ପଟ୍ଟନାୟକ, ବ୍ରଜକିଶୋର ଧଳ, ଲକ୍ଷ୍ମୀଧର ସାହୁ ପ୍ରମୁଖଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠନ କରାଯାଇଥିଲା। ଢେଙ୍କାନାଳର ବିଭିନ୍ନ ଅଞ୍ଚଳରେ ପ୍ରଜାମଣ୍ଡଳର ଶାଖା ଗଠନ କରାଗଲା । ପ୍ରଜାମଣ୍ଡଳ ଗଠନର ଅଳ୍ପଦିନ ପରେ ଢେଙ୍କାନାଳର ଜନସାଧାରଣଙ୍କ ମଧ୍ୟରେ ଜାଗରଣ ଦେଖାଦେଲା । ଇଂରେଜ ସରକାର ଓ ଗଡଜାତ ଶାସକଙ୍କ ବିରୋଧରେ ଲଢିବାପାଇଁ ପ୍ରତ୍ୟେକ ଗ୍ରାମର ଲୋକମାନେ ପ୍ରଜାମଣ୍ଡଳର ସଭ୍ୟ ହେଲେ । ସେତେବେଳେ ଢେଙ୍କାନାଳ ଗଡ ପ୍ରଜାମଣ୍ଡଳର ସଭାପତି ଥାଆନ୍ତି ମହେଶ୍ୱର ସୁବାହୁ ସିଂହ । ତାଙ୍କ ନେତୃତ୍ୱରେ ଭୁବନ, ମଢି, ପରଜଙ୍ଗ, ହିନ୍ଦୋଳ ଅଞ୍ଚଳରେ ପ୍ରଜାମଣ୍ଡଳ ବେଶ୍ କିଛି କାର୍ଯ୍ୟ କରୁଥିଲା।

ଭୁବନ ସେତେବେଳେ ସାତ ହଜାର ଲୋକଙ୍କ ବସତିର ଏକ ବଡ ଗାଁ। ଏଠାକାର ଲୋକେ ଭାରି ସାହସୀ ଓ ଲଢୁଆ । ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟପୀଠ ଭାବେ ଭୁବନର ସୁଖ୍ୟାତି ଥିଲେ। ପ୍ରତ୍ୟେକ ଦିନ ସଂନ୍ଧ୍ୟାରେ ଭୁବନର ବଡହାଟ ଠାରେ ପ୍ରଜାମଣ୍ଡଳର ସଭା ବସେ। ଭୁବନ ଅଞ୍ଚଳରେ ବେଣୁଧର ପରିଡା, ମହନ୍ତ ପ୍ରଧାନ, ନଟ ସାହୁ, ରଘୁ ନାୟକ, ହୁରୁଷି ପ୍ରଧାନ, ଗୁରି ନାୟକ ପ୍ରମୁଖ କର୍ମୀମାନେ ପ୍ରଜାମଣ୍ଡଳରେ ସକ୍ରିୟ ଅଂଶଗ୍ରହଣ କରୁଥାନ୍ତି। ୧୯୩୮ ମସିହା ଅକ୍ଟୋବର ମାସ ୧୦ ତାରିଖ। ଦିନ ସାରା ଝିପି ଝିପି ବର୍ଷା। ହାଇଦ୍ରାବାଦି ଓ ପଞ୍ଜାବୀ ଫୌଜ ସହ ଦେଶୀୟ ଫୌଜଙ୍କୁ ନେଇ ଗଠିତ ଗୋରାବାହିନୀ ଗୋଡିଡିହି, ତୁମୁସିଂହା, ପରଜଙ୍ଗ, କନ୍ଦରସିଂହାରେ ନାରକୀୟ ସଂହାର ଲୀଳା ଶେଷ କରି ବ୍ରାହ୍ମଣୀ ନଦୀର ଚଷାପଡା ଘାଟରୁ ଡଙ୍ଗାରେ ଆସି ଭୁବନର ପଶ୍ଚିମ ପାର୍ଶ୍ୱ ସୁଲେଇପାଳ ତୋଟାରେ ଡଙ୍ଗା ରଖି ସଂନ୍ଧ୍ୟାରେ ଭୁବନ ଗ୍ରାମରେ ପ୍ରବେଶ କଲେ । ୮ ଜଣ ପ୍ରଜାମଣ୍ଡଳ କର୍ମୀଙ୍କୁ ବେଆଇନ୍ ଗିରଫଦାରି କରି ଭୁବନ ଥାନାକୁ ଆଣିଲେ। ଏ ଖବର ଭୁବନ ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପିଗଲା। କର୍ମୀମାନେ ଥାନା ଘେରାଉ କଲେ। ଗିରଫ ପ୍ରଜାମଣ୍ଡଳର କର୍ମୀମାନଙ୍କୁ ଛାଡି ଦେବାପାଇଁ ହୋ ହାଲା କଲେ। ଥାନା ଉପରକୁ ଟେକା ପଥର ଫିଙ୍ଗିଲେ। ସୃଷ୍ଟି ହେଲା ପୋଲିସ୍‌ର ନାରକୀୟ କାଣ୍ଡ। ପୋଲିସ୍ ଗୁଳିରେ ସହିଦ୍ ହେଲେ ଗୁରି ନାୟକ। ଗୁରୁତର ଆହତ ହେଲେ ରଘୁ ନାୟକ। ଅନେକ କର୍ମୀ ଖଣ୍ଡିଆ ଖାବରା ହେଲେ। ପାହାନ୍ତା ପ୍ରହର ବେଳକୁ ଫୌଜମାନେ ଢେଙ୍କାନାଳ ଗଡକୁ ଚାଲିଯିବାକୁ ବସିଥିଲେ । ସେମାନଙ୍କ ଠାରୁ ଅସ୍ତ୍ର ଶସ୍ତ୍ର ଛଡାଇ ପ୍ରତିଶୋଧ ନେବା ପାଇଁ ପ୍ରଜାମଣ୍ଡଳ କର୍ମୀମାନେ ଗୋଡାଇଲେ । ଫୌଜମାନେ ନୀଳକଣ୍ଠପୁର ବ୍ରାହ୍ମଣୀ ଘାଟରେ ପହଞ୍ଚି ଡଙ୍ଗାରେ ଆରପାରିକୁ ଯିବାକୁ ବସିଥିଲେ। ସେମାନଙ୍କୁ ଶହ ଶହ ସଂଖ୍ୟାରେ ଲୋକ ଭୁବନ ଗ୍ରାମରୁ ଗୋଡାଇଥାନ୍ତି। ଜୀବନ ସେମାନଙ୍କର ବିପନ୍ନ। ସେତେବେଳେ ଘାଟରେ ଦୁଇଟି ଡଙ୍ଗା ଥିଲା । ଗୋଟିଏ ରାଜ କର୍ମଚାରୀମାନେ ନଦୀ ପାର ହେବାପାଇଁ ଓ ଅନ୍ୟଟି ସାଧାରଣ ଲୋକଙ୍କ ପାଇଁ। ପୂର୍ବରୁ ଫୌଜମାନେ ନୀଳକଣ୍ଠପୁର ଘାଟକୁ ଆସୁଥିବାର ଖବର ପାଇ କର୍ମୀମାନେ ରାଜାଙ୍କ ଡଙ୍ଗାକୁ ନଦୀରେ ବୁଡାଇ ଦେଇଥିଲେ। ଅନେକ କର୍ମୀ ସାଧାରଣ ଲୋକଙ୍କ ଡଙ୍ଗାକୁ ଜଗି ରହିଥିଲେ। ଫୌଜମାନେ ଘାଟରେ ପହଞ୍ଚି ନଦୀପାର କରିଦେବାପାଇଁ ସେମାନଙ୍କୁ ଚିତ୍କାର କରି କହିଲେ। ମାତ୍ର କର୍ମୀମାନଙ୍କ ଗ୍ରହଣରେ ଥିବା ବାର ବର୍ଷର ବାଳକ ବାଜିରାଉତ ଫୌଜଙ୍କ ନାଲି ଆଖି ଓ ଧମକକୁ ଭୟ ନକରି ଜବାବ ଦେଲେ "ପ୍ରଜାମଣ୍ଡଳର ହୁକୁମ ନାହିଁ, ମୁଁ ନଦୀ ପାର କରିପାରିବି ନାହିଁ। ଇଂରେଜ ସିପାହୀ ଯେତେ ଗର୍ଜନ ତର୍ଜନ କଲେ ମଧ୍ୟ ବାନର ସେନାର ନେତା ବାଜିରାଉତ ସେଥିପ୍ରତି କର୍ଣ୍ଣପାତ ନକରି ସିଂହ ଭଳି ଗର୍ଜନ ଛାଡି ତାର ପ୍ରତି ଉତ୍ତରରେ କହୁଥାନ୍ତି ପ୍ରଜାମଣ୍ଡଳର ଆଦେଶ ଡଙ୍ଗାରେ ପାରି କରିବି ନାହିଁ। ଏହିଭଳି ଯେତେ ଥର ନଦୀପାର କରିବାପାଇଁ ସିପାହୀ ଦଳ ଗର୍ଜନ କରୁଥାନ୍ତି ବାଜିରାଉତ ମଧ୍ୟ ସେତେଥର ଡଙ୍ଗା ପାର କରିବି ନାହିଁ ବୋଲି ପାଲଟା ଜବାବ ଦେବାରେ ପଛଘୁଞ୍ଚା ଦେଉନଥାନ୍ତି। ଛୋଟ ପିଲାଟିର କଣ୍ଠରୁ ପ୍ରଜାମଣ୍ଡଳର ନାଁ ଶୁଣି ଫୌଜମାନେ ରାଗ ଜରଜର ହୋଇ ଡଙ୍ଗା ଉପରକୁ କୁଦି ପଡିଲେ। ବାଜିରାଉତଙ୍କ ହାତରୁ ଡଙ୍ଗା କାତକୁ ଛଡାଇ ନେଇ ତାଙ୍କୁ ନଦୀ କୂଳକୁ ଠେଲିଦେଲେ। ଫୌଜମାନେ ଡଙ୍ଗା ବାହି ପଳାଇ ଯିବାକୁ ଉଦ୍ୟମ କରୁଥିବା ବେଳେ ଡଙ୍ଗା ଦଉଡିକୁ କର୍ମୀମାନେ ଭିଡି ଧରିଲେ। ଜୀବନ ବଞ୍ଚାଇବାପାଇଁ ନଦୀ ପାର ହୋଇ ନିଜିଗଡକୁ ପଳାଇ ଯିବାକୁ ଉଦ୍ୟମ କରୁଥିବା ଫୌଜମାନେ କର୍ମୀଙ୍କ ଉପରକୁ ଗୁଳି ଚାଳନା କଲେ । ଏଥିରେ ଟିକି ବାଳକ ବାଜିରାଉତଙ୍କ ସମେତ ହୁରୁଷି ପ୍ରଧାନ, ନଟ ମଳିକ, ଫଗୁ, ଲକ୍ଷ୍ମଣ ମଳିକ ପ୍ରମୁଖ ଚାରି ଜଣ ମୃତ୍ୟୁବରଣ କଲେ। ନୀଳକଣ୍ଠପୁର ଗ୍ରାମର ଫଗୁ ସାହୁ, ପାଣୁ ଲେଙ୍କା, ଭାବ ସାହୁ, ଗୁରୁବାରି ସାହୁ, ଭାସ୍କର ସାହୁ, ଘନ ସାହୁ, ଗଙ୍ଗାଧର ସାହୁ, ଧନୀ ସାହୁ, ନରହରି ସାହୁ କ୍ଷତ ବିକ୍ଷତ ହେଲେ। ଏହାପରେ ସିପାହୀମାନେ ନିଜେ ଡଙ୍ଗା ବାହି ନେଇ ବ୍ରାହ୍ମଣୀ ନଦୀ ପାରି ହୋଇ ଆରପଟକୁ ଚାଲିଯାଇଥିଲେ। ସେତେବେଳକୁ ଭୁବନ ଗ୍ରାମର ଗୁରି ନାୟକଙ୍କର ମୃତଦେହ ନୀଳକଣ୍ଠପୁର ଘାଟରେ ପହଞ୍ଚି ସାରିଥିଲା। ନୀଳକଣ୍ଠପୁର ଗ୍ରାମର ଶହିଦ୍ ବାଜିରାଉତ ସମେତ ଚାରିଟି ମୃତଦେହ, ଗୁରି ନାୟକଙ୍କର ମୃତ ଦେହ ଓ ଅନ୍ୟାନ୍ୟ ଆହତ ବ୍ୟକ୍ତିଙ୍କୁ ସ୍ଥାନୀୟ କଂଗ୍ରେସ ନେତା ବଳଦେବ ଲାଲା ଓ ଚାଷୀନେତା ଡାକ୍ତର ଫନିପାଲ୍ ଡଙ୍ଗାରେ ଜେନାପୁର ଆଣିବାପରେ ସେଠାରେ ବୈଷ୍ଣବ ପଟ୍ଟନାୟକ ଓ ରବିଘୋଷଙ୍କ ସହାୟତାରେ ଟ୍ରେନ୍ ୱାଗନରେ କଟକ ଅଣାଯାଇଥିଲା। ଡଙ୍ଗାରେ ଆସୁଥିବା ବେଳେ ଚଷାପଡା ଘାଟ ନିକଟରେ ଭୁବନ ଗୁଳିକାଣ୍ଡରେ ଆହତ ରଘୁ ନାୟକଙ୍କର ମୃତ୍ୟୁ ହୋଇଯାଇଥିଲା । କଟକ ଡାକ୍ତରଖାନାରେ ସହିଦ୍ ମାନଙ୍କର ଛଅଟି ଶବକୁ ଛଅଟି ଶଗଡଗାଡିରେ ରଖାଯାଇ ଖାନ୍ ନଗର ଶ୍ମଶାନକୁ ଶୋଭାଯାତ୍ରାରେ ନିଆଯାଇଥିଲା। କୁହାଯାଏ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶବ ଶୋଭାଯାତ୍ରା ପରେ ଏହା ଥିଲା ଦ୍ୱିତୀୟ ବୃହତ୍ତମ ଶବ ଶୋଭାଯାତ୍ରା। ବାଜି ରାଉତଙ୍କ ଶବ ସତ୍କାର ସାରି କବି ସଚ୍ଚିଦାନନ୍ଦ ରାଉତରାୟ ଲେଖିବା ଆରମ୍ଭ କଲେ ବାଜିରାଉତ କାବ୍ୟ। ଏହି କାବ୍ୟ ବାଜି ରାଉତଙ୍କ ଦେଶପ୍ରେମକୁ ସର୍ବତ୍ର ପରିଚିତ କରିଥିଲା । କନିଷ୍ଠ ସହିଦ୍ ବାଜିରାଉତଙ୍କର ଉଦ୍ଦେଶ୍ୟରେ କଟକ ଟାଉନ୍ ହଲ୍ ପଡିଆରେ ଅନୁଷ୍ଠିତ ପ୍ରତିବାଦ ସଭା ସେତେବେଳେ ରାଜ୍ୟ ବ୍ୟାପୀ ପ୍ରଜାମଣ୍ଡଳ ଆନ୍ଦୋଳନକୁ ତେଜିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଏ ଜାତି ପାଇଁ ବାଜିରାଉତ ଅମର ହୋଇ ରହିଛନ୍ତି ଏବଂ ଚିରଦିନ ପାଇଁ ଅମର ହୋଇ ରହିଥିବେ। ତାଙ୍କର କୋମଳ ହୃଦୟରେ ଜାତ ହୋଇଥିବା ବୀରତ୍ୱ, ତ୍ୟାଗ, ସାହସ ଓ ଦେଶପ୍ରେମ ଯୁଗ ଯୁଗକୁ ଓଡିଆ ଜାତି ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥିବ।




*ଭୁଷଳ, ଭୁବନ, ଢେଙ୍କାନାଳ*
*ଦୂରଭାଷ : ୯୪୩୭୭୨୯୩୮୪*

# ଭୁବନେଶ୍ୱରରେ ଗ୍ଲୋବାଲ ଡେଲିଭରି ସେଣ୍ଟର ପ୍ରତିଷ୍ଠା କରିବ ଆକ୍ସେଞ୍ଚର



**ଭୁବନେଶ୍ୱର :** ଆଇଟି କ୍ଷେତ୍ରରେ ଅନ୍ୟତମ ଅଗ୍ରଣୀ ବହୁ-ରାଷ୍ଟ୍ରୀୟ କମ୍ପାନି ଆକ୍ସେଞ୍ଚର ପକ୍ଷରୁ ଭୁବନେଶ୍ୱରରେ ବୈଶ୍ୱିକ ସେବା ପ୍ରଦାନ କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଆକ୍ସେଞ୍ଚରର କଣ୍ଟ୍ରି ମ୍ୟାନେଜିଂ ଡାଇରେକ୍ଟର ଅଜୟ ବିଜଙ୍କ ନେତୃତ୍ୱରେ ଏକ ବରିଷ୍ଠ ପ୍ରତିନିଧି ଦଳ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ରାଜ୍ୟ ପାଇଁ କମ୍ପାନିର ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ଆକ୍ସେଞ୍ଚର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ତଥା ଗଭର୍ଣ୍ଣମେଣ୍ଟ ରିଲେସନ୍ ଲିଡ୍ ପୁନୀତ ଜେ କୁମାର ଏବଂ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ବୁରାଇ, ରାଜ୍ୟ ସରକାରଙ୍କ ୫-ଟି ସଚିବ ଭିକେ ପାଣ୍ଡିଆନ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର ଏବଂ ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଶ୍ରୀ ଭିଜ୍ କହିଛନ୍ତି ଯେ, ଅଗ୍ରଣୀ ଶିକ୍ଷାନୁଷ୍ଠାନ, ଓଡ଼ିଶାର ଆଇଟି ଇକୋସିଷ୍ଟମ ଏବଂ ପ୍ରତିଭା ପରିପୂର୍ଣ୍ଣ ମାନବ ସମ୍ବଳ ସହର ଭୁବନେଶ୍ୱରରେ ଆମର ନୂତନ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଆମେ ସଂପୂର୍ଣ୍ଣ ପ୍ରସ୍ତୁତ। ଏହି ନୂତନ କେନ୍ଦ୍ର ସମଗ୍ର ବିଶ୍ୱର ଗ୍ରାହକଙ୍କୁ ବୈଷୟିକ ସେବା ଯୋଗାଇବାରେ ସହାୟକ ହେବ ଏବଂ ରାଜ୍ୟର ଯୁବପିଢିମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ। ଓଡ଼ିଶାରେ ଆକ୍ସେଞ୍ଚରର ନୂତନ ପ୍ରୟୋଗ କେନ୍ଦ୍ର ପ୍ରତିଷ୍ଠା ତଥା ଏହାର ସଂପ୍ରସାରଣ ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ନବୀନ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଛନ୍ତି। ଆକ୍ସେଞ୍ଚର ହେଉଛି ବିଶ୍ୱର ଅନ୍ୟତମ ବୃହତ୍ ବୃତ୍ତିଗତ ବୈଷୟିକ ସେବା କମ୍ପାନି। ଏହି କମ୍ପାନି ୧୨୦ରୁ ଅଧିକ ଦେଶରେ ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି। ବିଭିନ୍ନ ସଂସ୍ଥାକୁ ସେମାନଙ୍କ ବ୍ୟବସାୟର ପୁନରୁଦ୍ଧାର କରିବା, ସେମାନଙ୍କ କାର୍ଯ୍ୟକୁ ସର୍ବୋଚ୍ଚ ଶିଖରକୁ ନେଇଯିବା ଏବଂ ବ୍ୟାପକ ସେବା, ସମମସ୍ୟାର ସମାଧାନ ତଥା ସେମାନଙ୍କ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଟେକ୍ନୋଲୋଜି ବ୍ୟବହାର କରିବାରେ ସାହାଯ୍ୟ କରିଆସୁଛି। ଭୁବନେଶ୍ୱରରେ ପ୍ରତିଷ୍ଠିତ ହେବାକୁ ଯାଉଥିବା ଆକ୍ସେଞ୍ଚରର ଏହି ଅତ୍ୟାଧୁନିକ ସେବାକେନ୍ଦ୍ର କମ୍ପାନିର ଗ୍ଲୋବାଲ ଡେଲିଭରି ନେଟୱାର୍କକୁ ସମ୍ପ୍ରସାରିତ କରିବ ଏବଂ ଶିଳ୍ପ କ୍ଷେତ୍ରର ଗ୍ରାହକଙ୍କ ପାଇଁ ଏହା ଅବଶ୍ୟକୀୟ ଟେକ୍ନୋଲୋଜି ସେବା ଯୋଗାଇଦେବ। ଆକ୍ସେଞ୍ଚର ଓଡ଼ିଶାରେ ୧,୨୦୦ରୁ ଅଧିକ ଦକ୍ଷ କର୍ମଚାରୀଙ୍କୁ ନେଇ ତାହାର ଗ୍ଲୋବାଲ୍ ଡେଭଲପମେଣ୍ଟ ସେଣ୍ଟର ପରିଚାଳନା କରିବାପାଇଁ ଲକ୍ଷ୍ୟ ରଖୁଛି। ସୂଚନାଯୋଗ୍ୟ ଯେ ଏହି ଅନୁଷ୍ଠାନ ଖୁବଶୀଘ୍ର ଓଡିଶାରେ ୭୫,୦୦୦ ବର୍ଗ ଫୁଟ ବିଶିଷ୍ଟ ଏକ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା-ସମୃଦ୍ଧ କେନ୍ଦ୍ର ସ୍ଥାପନ କରିବ। ଏଥନିମନ୍ତେ ରାଜ୍ୟ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି। ଓଡ଼ିଶା ସରକାରଙ୍କ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭାରତର ବେଙ୍ଗାଲୁରୁ ଓ ହାଇଦ୍ରାବାଦ ଏବଂ ଜାପାନ ଓ ଆମେରିକାରେ ରୋଡ୍ ସୋ' କରିବା ସହ ବିଶ୍ୱର ପ୍ରମୁଖ ଆଇଟି ଓ ସେମିକଣ୍ଡକ୍ଟର କମ୍ପାନିଗୁଡ଼ିକର ବରିଷ୍ଠ ନେତୃବୃନ୍ଦଙ୍କ ସହିତ ଆଲୋଚନା କରିଛନ୍ତି। ଫଳରେ ଆଇବିଏମ୍, ପିଡବ୍ଲ୍ୟୁସି, ଡେଲଏଟ୍, ହାପିଏଷ୍ଟ ମାଇଣ୍ଡସ ଓ କନସେଟ୍ରିକ୍ସ ଆଦି ବହୁରାଷ୍ଟ୍ରୀୟ କମ୍ପାନି ଭୁବନେଶ୍ୱରରେ ସେମାନଙ୍କ କେନ୍ଦ୍ର ସ୍ଥାପନ କରି ରାଜ୍ୟର ଆଇଟି କ୍ଷେତ୍ରରେ ୧୦,୦୦୦ରୁ ଅଧିକ ଲୋକଙ୍କୁ ନୂତନ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିପାରିଛନ୍ତି। ଓଡ଼ିଶାରେ ଆକ୍ସେଞ୍ଚରର ପୁଞ୍ଜିନିବେଶ ଯୋଜନା ହେଉଛି ରାଜ୍ୟ ସରକାରଙ୍କ ଉତ୍ସର୍ଗୀକୃତ ପ୍ରୟାସର ଅନ୍ୟତମ ପ୍ରତିଫଳ। ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର ଓଡ଼ିଶାରେ ଆକ୍ସଞ୍ଚରର ପ୍ରବେଶକୁ ସ୍ୱାଗତ କରି କହିଲେ, "ଏହା ରାଜ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ" ଏବଂ ଓଡିଶା ଆଇଟି କମ୍ପାନୀମାନଙ୍କ ନିବେଶସ୍ଥଳ ଭାବରେ ରାଜ୍ୟର ପ୍ରତିଷ୍ଠାକୁ ଆହୁରି ସୁଦୃଢ଼ କରିଛି। ଓଡ଼ିଶାର ନିବେଶକ-ଅନୁକୂଳ ନୀତି, ଆଇଟି ଇକୋସିଷ୍ଟମ, ଅବଶ୍ୟକୀୟ ଭିତ୍ତିଭୂମି, ପ୍ରତିଭା ପରିପୂର୍ଣ୍ଣ ମାନବ ସମ୍ବଳ ତଥା ରାଜ୍ୟ ସରକାରଙ୍କ ସହଯୋଗ ଫଳରେ ଏହା ସମ୍ଭବ ହୋଇଛି। ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହିତ, ନିକଟ ଭବିଷ୍ୟତରେ ଓଡ଼ିଶା ଏକ ଗ୍ଲୋବାଲ ଆଇଟି ଏବଂ ସେମିକଣ୍ଡକ୍ଟର ହବରେ ପରିଣତ ହେବା ସହିତ ରାଜ୍ୟରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ମିଶ୍ର ଉଲ୍ଲେଖ କରିଥିଲେ।

# ଆୟୁଷ୍ମାନ ସଭା ପାଳିତ



**ପଡ଼ିଆ :** ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୁଲ୍ୟରେ କାଲଦାପାଲ୍ଲୀ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ତରଫରୁ ଆୟୁଷ୍ମାନ ସଭା ପାଳିତ ହୋଇଯାଇଛି। ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡଃ କ୍ଷିପର ରାଇତାଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ କାଲଦାପାଲ୍ଲୀ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ତରଫରୁ ପ୍ରଥମେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଦ୍ୱାରା ସଫେଇ କରାଯାଇଥିଲା। ପରେ ସଭାଗୃହରେ ଏକ ବିରାଟ ସଭାର ଆୟୋଜିତ କରାଯାଇଥିଲା। ଏଥିରେ ପଡ଼ିଆ ବ୍ଲକର ଜିପିଇଓ କାର୍ତ୍ତିକ ନାୟକ, ପିଇଓ, ଜିଆରଏସ୍, ବହୁ ବିଶିଷ୍ଟ ଭଦ୍ରବ୍ୟକ୍ତି, ଅଙ୍ଗନବାଡ଼ିକର୍ମୀ ଓ ଆଶାକର୍ମୀ ଉପସ୍ଥିତ ଥିଲେ। ସଭାରେ ଆଭା ଆଇଡି ଖୋଲିବା ନିମନ୍ତେ ସମସ୍ତଙ୍କୁ ପରାମର୍ଶ ଦେବା ସହ ଅଣସକ୍ରାମକ ଯାଞ୍ଚ, ମ୍ୟାଲେରିଆ, ଡେଙ୍ଗୁ ଏବଂ ଜାପାନି ଜ୍ୱର, ଯକ୍ଷ୍ମା ଓ କୁଷ୍ଠ ରୋଗର ଲକ୍ଷଣ ଓ ପ୍ରତିକାର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ୩୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କର ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା। ଏହି ସଭାରେ ମୋଟ ୧୪୩ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହ ୭୮ ଜଣଙ୍କର ଆଇଡି ଖୋଲାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁପରଭାଇଜର ବିଜୟ କୁମାର ନାୟକ ପରିଚାଳନା କରିଥିବା ବେଳେ ଏଏନ୍ଏମ ସୁଶିଳା ମୁଖୀ ସହଯୋଗ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଏମ୍ ମହାନନ୍ଦମିସ୍ତ୍ରୀ, ପିଏଚ୍ଇଓ ନବୀନ ଚନ୍ଦ୍ର ସମରଥ ସମସ୍ତ କେନ୍ଦ୍ର ପରିଦର୍ଶନ କରି ତଦାରଖ କରିଥିଲେ।

# ମାନସ ମଙ୍ଗରାଜ ରାଜ୍ୟସଭାରେ ବିଜେଡିର ମୁଖ୍ୟ ସଚେତକ



**ଭୁବନେଶ୍ୱର :** ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କୁ ନୂଆ ଦାୟିତ୍ୱ ଦେଇଛି ବିଜୁ ଜନତା ଦଳ। ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ମୁଖ୍ୟ ସଚେତକ ଭାବେ ନିଯୁକ୍ତ ହୋଇଛନ୍ତି ସାଂସଦ ମାନସ ମଙ୍ଗରାଜ। ମୁଖ୍ୟ ସଚେତକ ଭାବେ ନିଯୁକ୍ତି ଦେଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଏନେଇ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବୁଧବାର ପ୍ରେସ ବିଜ୍ଞପ୍ତି ଜାରି କରି ସୂଚନା ଦେଇଛନ୍ତି। ପୂର୍ବରୁ ବିଜେଡି ସୁପ୍ରିମୋ ତାଙ୍କୁ ଯେଉଁ ଦାୟିତ୍ୱ ଦେଇଛନ୍ତି ତାକୁ ସେ ସୁଚାରୁ ରୂପେ ତୁଲାଇଛନ୍ତି। ଏବେ ନୂଆ ଦାୟିତ୍ୱ ଦେଇଥିବାବେଳେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ମାନସ ମଙ୍ଗରାଜଙ୍କୁ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ମିଳିବା ପରେ ଛୁଟିଛି ଶୁଭେଚ୍ଛାର ସୁଅ। ବିଜେଡି ସାଂସଦ ଅମର ପଟ୍ଟନାୟକ, ମାନସ ମଙ୍ଗରାଜଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ମାନସ ନିଶ୍ଚିତ ଏହି ଦାୟିତ୍ୱ ଭଲ ଭାବେ ତୁଲାଇବେ। ମୁଖ୍ୟ ସଚେତକ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଦଳର ବାର୍ତ୍ତା ତାଙ୍କ ମାଧ୍ୟମରେ ଆସେ। ଅନ୍ୟଜଣେ ବିଜେଡି ସାଂସଦ ପ୍ରଶାନ୍ତ ନନ୍ଦ ମଧ୍ୟ ଶୁଭେଚ୍ଛା ଜଣାଇ କହିଛନ୍ତି ବହୁତ ଭଲ ହେଲା ଯେ ମାନସ ମଙ୍ଗରାଜ ରାଜ୍ୟସଭା ବିଜେଡି ମୁଖ୍ୟ ସଚେତକ ହେଲେ। ତାଙ୍କ ପରି ଲୋକ ତାଙ୍କ ପରି ଅଭିଜ୍ଞତା ଆମ ପାଇଁ ଜରୁରୀ। ଦଳ ବହୁତ ଭଲ ନିଷ୍ପତ୍ତି ନେଲା। ଠିକ ସମୟରେ ଠିକ ଲୋକଙ୍କୁ ଦାୟିତ୍ୱ ମିଳିଛି। ମୁଁ ଓ ଆମ ଦଳ ବହୁତ ଖୁସି। ମୁଖ୍ୟ ସଚେତକ ଭାବେ ତାଙ୍କ ଦାୟିତ୍ୱ ରହିବ, କେଉଁମାନେ ବିଲ ଆଲୋଚନାରେ ଭାଗ ନେବେ, କେତେ ସମୟ କହିବେ ଓ କଣ କହିବେ ସେଥିରେ ସାହାଯ୍ୟ କରିବେ। ଦଳର ନିର୍ଦ୍ଦେଶ ସେ ସମସ୍ତ ସଦସ୍ୟଙ୍କ ପାଖରେ ପହଞ୍ଚାଇବେ ଓ ସଦସ୍ୟମାନେ ତାକୁ ଠିକ ଭାବେ କାର୍ଯ୍ୟକାରୀ କରିବେ ବୋଲି କହିଛନ୍ତି ପ୍ରଶାନ୍ତ ନନ୍ଦ।

# ଏମ୍ସ ସାଟେଲାଇଟ୍ ହସ୍ପିଟାଲରେ ନାହାନ୍ତି ଡାକ୍ତର



**ଭୁବନେଶ୍ୱର :** ବର୍ଷକ ତଳେ ବାଲେଶ୍ୱର ସହରରେ କାର୍ଯ୍ୟକ୍ଷମ ହୋଇଥିଲା ଭୁବନେଶ୍ୱର ଏମସ ସାଟେଲାଇଟ୍ ହସ୍ପିଟାଲ। ଏହା ହେଉଛି ପୂର୍ବ ଭାରତର ସର୍ବ ପ୍ରଥମ ଏମସ୍ ସାଟେଲାଇଟ୍ ହସ୍ପିଟାଲ। ତେବେ ଏହି ଅତ୍ୟାଧୁନିକ ହସ୍ପିଟାଲରେ ଅଚଳାବସ୍ଥା ଦେଖାଦେଇଛି। ଆଜି ପର୍ଯ୍ୟନ୍ତ ନା ଡାକ୍ତର ନିଯୁକ୍ତ ପାଇଛନ୍ତି ନା କର୍ମଚାରୀ। ଫଳରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ନାହିଁନଥିବା ଅସୁବିଧାରେ ପଡୁଛନ୍ତି। ବାଲେଶ୍ୱର ସହର ଉପକଣ୍ଠର ବାମପଦାରେ ତିଆରି ହୋଇଛି ଭୁବନେଶ୍ୱ ଏମମ୍ ସାଟେଲାଇଟ୍ ହସ୍ପିଟାଲ। ଖର୍ଚ୍ଚ ହୋଇଛି ୩୮ କୋଟିରୁ ଅଧିକ ଟଙ୍କା। ଗତବର୍ଷ ଏପ୍ରିଲରେ କାର୍ଯ୍ୟକ୍ଷମ ହୋଇଥିବା ଏହି ହସ୍ପିଟାଲ୍। ହେଲେ ଆଜି ଯାଏଁ ଡାକ୍ତର ନିଯୁକ୍ତି ହୋଇପାରି ନାହାନ୍ତି। କର୍ମଚାରୀଟିଏ ମଧ୍ୟ ନିଯୁକ୍ତି ପାଇନାହାଁନ୍ତି। କେବଳ ସପ୍ତାହର ଦୁଇ ଦିନ ଶୁକ୍ରବାର ଓ ଶନିବାର ଭୁବନେଶ୍ୱର ଏମ୍ସର ୪ ଜଣ ଜୁନିଅର ଡାକ୍ତରଙ୍କୁ ନେଇ ଚାଲିଛି ଓପିଡି। କେତେବେଳେ କେଉଁ ବିଭାଗର ଡାକ୍ତର ଆସୁଛନ୍ତି, ତାହା କାହାକୁ ଜଣାନାହିଁ। ଏମସ୍ରେ ଉନ୍ନତ ଚିକିତ୍ସା ପାଇ ଭଲ ହେବାର ଆଶା ନେଇ ଦୂର ଦୂରାନ୍ତରୁ ଆସୁଥିବା ରୋଗୀ ନିରାଶ ହୋଇ ଫେରୁଛନ୍ତି। ୨୦୧୩ ମସିହାରେ ତତ୍କାଳିନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ଉଦ୍ୟମରେ ଭୁବନେଶ୍ୱର ଏମସ୍ ସାଟେଲାଇଟ୍ ହସ୍ପିଟାଲ ପାଇଁ ମୁଳଦୁଆ ପଡିଥିଲା। କେନ୍ଦ୍ରରେ ବିଜେପି ସରକାର ଆସିବା ପରେ ଏହା ବାଲେଶ୍ୱରରେ ପ୍ରତିଷ୍ଠା ହେବ କି ନାହିଁ ତାକୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା। ତେବେ ୨୦୧୭ ମସିହାରେ ତତ୍କାଳିନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ସେବେଠାରୁ ଅସ୍ଥାୟୀ ଭାବେ ବାଲେଶ୍ୱରର ଡିଫେନ୍ସ କଲୋନୀରେ ଓପିଡି ଚାଲିଥିଲା। ଗତବର୍ଷ ଏପ୍ରିଲ ୧୬ ତାରିଖରେ ଏହି ଅତ୍ୟାଧୁନିକ ବିଲଡିଂରେ ଅନୁଷ୍ଠାନିକ ଭାବେ ପ୍ରଥମ ଓପିଡି କାର୍ଯ୍ୟକ୍ଷମ ହୋଇଥିଲା। ତେବେ ଏହାର ଦେଢବର୍ଷ ପରେ ମଧ୍ୟ ଡାକ୍ତର ନିଯୁକ୍ତି ହୋଇପାରିଲେ ନାହିଁ। ଯାହାକୁ ନେଇ ମେଡିକାଲ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନ ଧମକ ଦେଇଛି। ଭୁବନେଶ୍ୱର ଏମସ୍ ସାଟେଲାଇଟ୍ ହସ୍ପିଟାଲରେ ଅବ୍ୟବସ୍ଥାକୁ ନେଇ ରାଜନୀତି ତେଜିଛି। ଏଥିପାଇଁ ଶାସକ ଦଳ ବିଧାୟକ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି। ସେପଟେ ଡାକ୍ତର ନିଯୁକ୍ତି ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଯାଇଥିବା କହିଛନ୍ତି ସାଂସଦ।

# ନ୍ୟାସନାଲ୍ ସ୍କୁଲ୍ ଅଫ୍ ଡ୍ରାମାର ନିର୍ଦ୍ଦେଶକ ହେଲେ ଚିତ୍ତରଞ୍ଜନ



**ଭୁବନେଶ୍ୱର :** ଚିତ୍ତରଞ୍ଜନ ତ୍ରିପାଠୀ ହୋଇଛନ୍ତି ନ୍ୟାସନାଲ୍ ସ୍କୁଲ୍ ଅଫ୍ ଡ୍ରାମାର ନିର୍ଦ୍ଦେଶକ। ନ୍ୟାସନାଲ୍ ସ୍କୁଲ୍ ଅଫ୍ ଡ୍ରାମାର ନିର୍ଦ୍ଦେଶକ ଭାବେ ବିଶିଷ୍ଟ ଅଭିନେତା, ନିର୍ଦ୍ଦେଶକ ତଥା ପ୍ରଯୋଜକ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ନାମ ଘୋଷଣା ପରେ ନୂଆଦିଲ୍ଲୀରେ ଦାୟିତ୍ୱ ନେଇଛନ୍ତି। ଏହି ସମ୍ମାନଜନକ ପଦବୀ ପାଇବାରେ ସେ ପ୍ରଥମ ଓଡ଼ିଆ। ଚାନ୍ଦବାଲି ଏନଏସି ଅନ୍ତର୍ଗତ ବରେହିଁପୁରରେ ଚିତ୍ତରଞ୍ଜନଙ୍କ ଘର। ଉଭୟ ବଲିଉଡ୍ ଏବଂ ଓଲିଉଡରେ ଚିତ୍ତରଞ୍ଜନ ତ୍ରିପାଠୀ ବେଶ୍ ପରିଚିତ। ୨୦୦୭ରେ ତାଙ୍କ ପ୍ରଯୋଜିତ ଓ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର ଧଉଳି ଏକ୍ସପ୍ରେସ୍ ସଫଳତା ହାସଲ କରିଥିଲା। ଏଥିରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବା ସହ ସଙ୍ଗୀତ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ଏହି ସିନେମାଟି ୪ଟି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲା। ପରେ ସେ ଆଉ ଏକ ଚଳଚ୍ଚିତ୍ର 'ମୁଖ୍ୟମନ୍ତ୍ରୀ' ନିର୍ମାଣ କରିଥିଲେ। ହିନ୍ଦୀ ନାଟକ, ଧାରାବାହିକ ଆଦି କ୍ଷେତ୍ରରେ ମଧ୍ୟ ସେ ବେଶ୍ ସକ୍ରିୟ ଅଛନ୍ତି। ନେଟଫ୍ଲିକ୍ସରେ ପ୍ରସାରିତ 'ସାକ୍ରେଡ୍ ଗେମ୍ସ'ରେ ତ୍ରିଦେବୀ ଚରିତ୍ର ପାଇଁ ସେ ବେଶ୍ ଜଣାଶୁଣା। ଏତଦ୍ ବ୍ୟତୀତ ସେ ବିଭିନ୍ନ ରାଜ୍ୟରେ ନିଜର ନାଟ୍ୟ ପ୍ରଶିକ୍ଷଣ ଏବଂ ନାଟ୍ୟ କର୍ମଶାଳା ପାଇଁ ଲୋକପ୍ରିୟ।

## ଛଅ ମାସ ହେଲା ଗହମ ଯୋଗାଣ ବନ୍ଦ

# ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ୩ ଲକ୍ଷ ଖାଉଟି ହନ୍ତସନ୍ତ



**ଭୁବନେଶ୍ୱର :** ଗତ ଏପ୍ରିଲ୍ ମାସରୁ କେନ୍ଦ୍ର ସରକାର ସାଧାରଣ ଖାଉଟି ସାମଗ୍ରୀ ବଣ୍ଟନ (ପିଡିଏସ୍)ରେ ଗହମ ବିତରଣ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଛନ୍ତି। ଗହମ ବଦଳରେ ଉପଭୋକ୍ତାଙ୍କୁ ଚାଉଳ ଯୋଗାଇ ଦେଉଛନ୍ତି। ଫଳରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ୩ ଲକ୍ଷ ଖାଉଟି ହନ୍ତସନ୍ତ ହେଉଛନ୍ତି। ସାଧାରଣ ଖାଉଟି ଅଧିକ ଅର୍ଥ ଦେଇ ବିଭିନ୍ନ ଗହମ ଜାତ ଦ୍ରବ୍ୟ କିଣୁଛନ୍ତି। ତେଲ, ଡାଲି, ପରିବା ଆଦି ସବୁଥିରେ ମହଙ୍ଗା ମାଡ଼ ସହୁଥିବା ମଧ୍ୟବିତ୍ତ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକମାନେ ସରକାରଙ୍କର ଏଭଳି ଆଭିମୁଖ୍ୟ ପାଇଁ ଦହଗଞ୍ଜ ହେଉଛନ୍ତି। ଭୁବନେଶ୍ୱର ବିଏମ୍ସି ଅଞ୍ଚଳରେ ମାସିକ ୬୬୯୮.୪୨କ୍ୱିଣ୍ଟାଲ୍ ଗହମ ଖାଉଟି କାର୍ଡ ମାଧ୍ୟମରେ ବିତରଣ କରାଯାଉଥିଲା। ଏଥିରେ ୯୪୪୮୧ କାର୍ଡରେ ୩ଲକ୍ଷ ୨୧ହଜାର ୧୪୩ ଜଣ ହତାଧିକାରୀ ଉପକୃତ ହେଉଥିଲେ। ଏହି ହିତାଧିକାରୀମାନଙ୍କ ମଧ୍ୟରେ ଅଛନ୍ତି ଅନେକ ବୟସ୍କ ବ୍ୟକ୍ତି, ଯେଉଁମାନେ ମଧୁମେହ ରୋଗରେ ପୀଡ଼ିତ। ସେମାନେ ଭାତ ପରିବର୍ତ୍ତେ ଖାଇବାରେ ଅଟାର ବ୍ୟବହାର ଅଧିକ କରନ୍ତି। ହେଲେ ଏହି ରୋଗୀଣା ଲୋକମାନଙ୍କ ପାଇଁ ଅଟା କିଣି ଖାଇବା କଷ୍ଟସାଧ ହୋଇପଡ଼ିଛି। ଗତ ବର୍ଷେ ଭିତରେ ଅଟା ଦର ମଧ୍ୟ କ୍ୱିଣ୍ଟାଲ୍ ପିଛା ୮ଶହ ଟଙ୍କା ବୃଦ୍ଧି ପାଇଛି। ଖୋଲା ବଜାରରେ ଅଟା କିଲୋ ୪୦ ଟଙ୍କା ଅତିକ୍ରମ କରିଛି। ପ୍ୟାକେଟ ଅଟା କିଲୋ ପିଛା ୫୦ ଟଙ୍କା ଉପରେ। ସାଧାରଣ ଉପଭୋକ୍ତାଙ୍କ ପାଇଁ ଏହା ଅତ୍ୟନ୍ତ ଅସହ୍ୟ ହୋଇଛି। ପ୍ରଥମେ ଋଷ-ୟୁକ୍ରେନ୍ ଯୁଦ୍ଧ ଆରମ୍ଭରୁ ସରକାର ଯୁଦ୍ଧର ଆଳ ଦେଖାଇ ପ୍ରଥମେ କିଛି ଦିନ ଗହମ ଯୋଗାଣରେ ଅନିୟମିତତା ଆରମ୍ଭ କରିଦେଲେ। ତା' ପରେ ଗତ ୬ମାସ ହେଲା ପିଡିଏସ୍ କୋଟାରୁ ସମ୍ପୂର୍ଣ୍ଣ ଗହମକୁ ଗାଏବ କରି ଦେଇଛନ୍ତି। ଫଳରେ ଆର୍ଥିକ ଅନଗ୍ରସର ତଥା ଶ୍ରମିକ ଓ ଦିନ ମଜୁରିଆ ଶ୍ରେଣୀର ଲୋକମାନେ ଗହମ ଜାତ ଦ୍ରବ୍ୟ ତଥା ମହଙ୍ଗାଦରରେ ଅଟା କିଣବା ପରିବାର ଆର୍ଥିକ ମେରୁଦଣ୍ଡ ଉପରେ ଶକ୍ତ ପ୍ରଭାବ ପକାଉଛି। ଗୋଟେ ପଟେ ରୋଜଗାର କମ ଥିବାରୁ ଆର୍ଥିକ ଅନଗ୍ରସର ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇ ସରକାରଙ୍କଠାରୁ ଖାଉଟି ସାମଗ୍ରୀ ପାଉଥିବାବେଳେ ଅନ୍ୟପକ୍ଷରେ ସରକାରଙ୍କ ଏଭଳି ଆଭିମୁଖ୍ୟ ଯୋଗୁଁ ମହଙ୍ଗା ମାଡ଼ରେ ହନ୍ତସନ୍ତ ହେଉଛନ୍ତି। ଅନ୍ୟପକ୍ଷରେ କର୍ପୋରେଟ୍ ସଂସ୍ଥାର ବ୍ୟବସାୟ ବୃଦ୍ଧି କରିବା ସହ ପରୋକ୍ଷରେ ବିଭିନ୍ନ ଘରୋଇ ସଂସ୍ଥାକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ଏଭଳି ମସୁଧା କରିଥିବା ବଜାର ବିଶେଷଜ୍ଞମାନେ ଅଭିଯୋଗ କରିଛନ୍ତି। କାରଣ ଭାରତ ଗହମ ଉତ୍ପାଦନରେ ଏକ ବଳକା ରାଜ୍ୟ। ଭାରତର ଏକାଧିକ ରାଜ୍ୟରେ ପ୍ରଚୁର ପରିମାଣର ଗହମ ଉତ୍ପାଦନ ହୋଇଥାଏ, ଯାହା ଭାରତବ୍ୟାପୀ ଯୋଗାଣ ହେବା ପରେ ମଧ୍ୟ ବିଦେଶକୁ ରପ୍ତାନୀ ହୋଇଥାଏ। ଏବେ ଗହମ ଯୋଗାଣ ବନ୍ଦ କରିବା ପାଇଁ ସେଭଳି କିଛି କାରଣ ନଥିବାବେଳେ କେନ୍ଦ୍ର ସରକାରଙ୍କ ଏଭଳି ଆଭିମୁଖ୍ୟ ଲୋକଙ୍କୁ ଅକଳରେ ପକାଇଛି।

# କମୁଛି ଗୋଚର, ଜୀବଜନ୍ତୁ ରାସ୍ତାରେ



**ଅସ୍ତରଙ୍ଗ :** ଗୋଚର କିସମ ଜମିକୁ ଭାରତ ସରକାର ଜୀବଜନ୍ତୁଙ୍କ ଚାରଣ ଭୂମି ରୂପେ ଉଦ୍ଦିଷ୍ଟ କରିଛନ୍ତି। ସେଥିପାଇଁ ରାଜସ୍ୱ ଆଇନ ସ୍ୱତନ୍ତ୍ର ରହିଛି। କୌଣସି ବ୍ୟକ୍ତି ଗୋଚର ଜମିକୁ ଅଧିକରଣ କରିପାରିବେ ନାହିଁ। କିନ୍ତୁ ଅସ୍ତରଙ୍ଗ ତହସିଲ ଅଧୀନରେ ଦୀର୍ଘ ବର୍ଷ ହେବ ଚାରଣ ଭୂମି କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଅଧୀନରେ ଜବରଦଖଲ ହୋଇରହିଛି। ଏହା କିପରି ହେଲା ଆଉ କେଉଁ ପରିସ୍ଥିତିରେ ହେଉଛି ତାହା ବି ପ୍ରଶାସନ ପାଖରେ ଜବାବ ନାହିଁ। ବର୍ତ୍ତମାନ ଅସ୍ତରଙ୍ଗ ବଜାର ଆଉ ଅନ୍ୟ ସ୍ଥାନ ମାନଙ୍କରେ ଗାଈଗୋରୁ ମାନେ ନିଜ ନିଜର ଆଶ୍ରୟସ୍ଥଳ କରୁଛନ୍ତି। ଅନେକ ସମୟରେ ଏଥିପାଇଁ ଯାତାୟାତରେ ବାଧାପ୍ରାପ୍ତ ହେଉଥିବା ବେଳେ ଅନେକ ଦୁର୍ଘଟଣା ମଧ୍ୟ ଏଥିପାଇଁ ହେଉଛି। ଯଦି ମୁଷ୍ଟିମେୟ ଗୋଚର ମାଫିଆଙ୍କ ବିରୁଦ୍ଧରେ କେହି ଅଭିଯୋଗ କରୁଛନ୍ତି ତାହେଲେ ସେମାନେ ବିଭିନ୍ନ ପ୍ରକାର ମିଥ୍ୟା ମକୋଦମା କରି ଉକ୍ତ ବ୍ୟକ୍ତି ବିଶେଷଙ୍କୁ ସାମାଜିକ, ଆର୍ଥିକ ଅସୁବିଧାରେ ପକାଉଛନ୍ତି। ଏହି ଗୋଚର ଜମିକୁ କିଛି ବାହାର ଜିଲ୍ଲାର ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକ ପଇସା କାରବାର କରାଇ ହସ୍ତାନ୍ତର ଅନେକ ସମୟରେ କରୁଛନ୍ତି। ଅନେକ ସରକାରୀ ଶିକ୍ଷକ, ଅଧ୍ୟାପକ, କର୍ମଚାରୀ ମଧ୍ୟ ଏହି ଚିଠାରେ ରହିଛନ୍ତି। ଅସ୍ତରଙ୍ଗ ତହସିଲରେ ଯଦି କୌଣସି ଅଭିଯୋଗ ହେଉଛି ତାହେଲେ ଆଜି ପର୍ଯ୍ୟନ୍ତ ସେଭଳି ଆଖିଦୃଷ୍ଟିଆ ପଦକ୍ଷେପ ନିଆଯାଉନାହି। ପ୍ରଥମେ ଆଜବେଷ୍ଟ ଘର କରୁଛନ୍ତି ଆଉ ଜମିକୁ ଧୀରେ ଧୀରେ ଅକ୍ତିଆର କରୁଛନ୍ତି ଆଉ ତା'ପରେ ଏକ ମହଲା ଆଉ ୨ ମହଲା କୋଠା ନିର୍ମାଣ କରୁଛନ୍ତି। ଅସ୍ତରଙ୍ଗ ବ୍ଲକ ଜିଉଁନ୍ତି, ଉକୁଳେଇ, ଅସ୍ତରଙ୍ଗ, ନୂଆଗଡ, ଆଳସାହି, ନଗର, ଏଭଳି ଅନେକ ସ୍ଥାନରେ ଚାରଣ ଭୂମି ଏବେ ମାଫିଆଙ୍କ କବ୍ଜାରେ। ବର୍ତ୍ତମାନ କିଛି ବ୍ୟକ୍ତି ଗୋଚର ସୁରକ୍ଷା କମିଟି ଗଠିତ କରିଛନ୍ତି। ଅତିଶୀଘ୍ର ତହସିଲଦାରଙ୍କୁ ଏ ବାବାଦରେ ଅଭିଯୋଗ କରିବେ ଯଦି ତହସିଲରୁ କୌଣସି ସୁଫଳ ନପାଇବେ, ତାହେଲେ ଆଗାମୀ ଦିନରେ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ତ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ଶ୍ରମିକଙ୍କ ପରିଶ୍ରମିକ ବୃଦ୍ଧି



**ଭୁବନେଶ୍ୱର :** ରାଜ୍ୟରେ ଶ୍ରମିକଙ୍କ ବଢିଲା ମଜୁରୀ କୁଶଳୀ, ଅଣକୁଶଳୀ, ଅର୍ଦ୍ଧକୁଶଳୀ, ଉଚ୍ଚକୁଶଳୀଙ୍କ ବଢିଲା ଦରମା। ପୂର୍ବ ମଜୁରୀଠାରୁ ବଢିଲା ଆଉ ୭ ଟଙ୍କା। ଉଚ୍ଚକୁଶଳୀ ପାଇବେ ସର୍ବାଧିକ ୫୦୨ ଟଙ୍କା। ଶ୍ରମ କମିଶନରଙ୍କ ପକ୍ଷରୁ ପ୍ରକାଶ ପାଇଲା ବିଜ୍ଞପ୍ତି, ୧ ଅକ୍ଟୋବରରୁ ଲାଗୁ ହେବ ନୂଆ ମଜୁରୀ। ଶ୍ରମିକଙ୍କ ଦୈନିକ ମଜୁରୀ ବଢାଇଛନ୍ତି ରାଜ୍ୟ ସରକାର। ଅଣକୁଶଳୀଙ୍କ ମଜୁରୀ ୩୪୫ ଟଙ୍କାରୁ ବଢି ୩୫୨ ଟଙ୍କା ହୋଇଥିବା ବେଳେ ଅର୍ଦ୍ଧକୁଶଳୀଙ୍କ ୩୮୫ ଟଙ୍କାରୁ ବୃଦ୍ଧି ପାଇ ୩୯୨ଟଙ୍କା ହୋଇଛି। କୁଶଳୀ ଶ୍ରମିକଙ୍କ ଦୈନିକ ମଜୁରୀ ୪୩୫ ଟଙ୍କାରୁ ୪୪୨ ଟଙ୍କାକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଏହାସହିତ ଅତିକୁଶଳୀଙ୍କ ମଜୁରୀ ୪୯୫ ଟଙ୍କାରୁ ବୃଦ୍ଧି ହୋଇ ୫୦୨ ଟଙ୍କା ହୋଇଛି। ଏହା ପୂର୍ବରୁ ଚଳିତ ବର୍ଷ ଅପ୍ରେଲ ପହିଲାରେ ଶ୍ରମିକଙ୍କ ଦୈନିକ ମଜୁରୀରେ ୧୨ ଟଙ୍କା ଲେଖାଏଁ ବୃଦ୍ଧି କରିଥିଲେ। ଏହା ପରେ ସମସ୍ତ ଶ୍ରମିକଙ୍କ ଦୈନିକ ମଜୁରରୀରେ ୭ ଟଙ୍କା ଲେଖାଏଁ ବୃଦ୍ଧି କରିଛନ୍ତି।






## ଦୁର୍ଗାପୂଜା ପାଇଁ କମିଶନରେଟ ପୋଲିସର ମାର୍ଗଦର୍ଶିକା

# ରାତି ୧୨ ଯାଏଁ ସାଂସ୍କୃତିକ କାର୍ଯ୍ୟକ୍ରମ



**ଭୁବନେଶ୍ୱର :** ଦୁର୍ଗାପୂଜା ପାଇଁ କମିସନରେଟ୍ ପୁଲିସର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଶାନ୍ତିଶୃଙ୍ଖଳାର ସହ ଦୁର୍ଗାପୂଜା ଆୟୋଜନ ପାଇଁ ଅଣ୍ଟା ଭିଡ଼ିଛି ପ୍ରଶାସନ। ଭୁବନେଶ୍ୱରରେ ଚଳିତବର୍ଷ ଦୁର୍ଗାପୂଜାରେ ରାତି ୧୨ଟା ଯାଏଁ ଜାରି ରହିବ ମେଲୋଡ଼ି। ରାତି ୧୦ଟା ପରିବର୍ତ୍ତେ ରାତି ୧୨ଟା ପର୍ଯ୍ୟନ୍ତ ମେଲୋଡ଼ି ଚାଲିବ। ଭସାଣ ବେଳେ ଭାଇବ୍ରେଟ୍ ମ୍ୟୁଜିକ ବ୍ୟବହାର ନ କରିବାକୁ ଅନୁରୋଧ କରିଛନ୍ତି ପୋଲିସ କମିଶନର। ପୂଜା ସମୟରେ ଆଇନଶୃଙ୍ଖଳା ବ୍ୟବସ୍ଥା, ପୂଜା ସୁବ୍ୟବସ୍ଥିତ କିଭଳି ହେବ ତାହାକୁ ନେଇ ଆଲୋଚନା ହୋଇଛି। ପୂଜାକୁ କିପରି କ୍ରାଇମ-ଫ୍ରି କରାଯିବ ସେ ନେଇ ମଧ୍ୟ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଉଛି। ଚଳିତବର୍ଷ ରାଜଧାନୀ ଭୁବନେଶ୍ୱରରେ ଦୁର୍ଗାପୂଜାରେ ୧୮୩ ପୂଜା ମଣ୍ଡପ ହେଉଛି। କଟକରେ ପୂଜା ମଣ୍ଡପ ସଂଖ୍ୟା ୧୬୮। ସହରରେ ହେଉଥିବା ପୂଜା ଓ ଭସାଣ ପାଇଁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା କରାଯାଇଛି। ଯାହାଦ୍ୱାରା ଲାଇସେନ୍ସ ପାଇବାରେ ସମସ୍ୟା ହେବ ନାହିଁ। ବୈଠକରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଭୁବନେଶ୍ୱରର ତିନି ବିଧାୟକ, ଅଗ୍ନିଶମ, ୱାଟ୍କୋ, ଟାଟା ପାୱାର ଓ ଟ୍ରାଫିକର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।






## ବିପଦ ସଙ୍କୁଳ ଗୃହରେ ଚାଲିଛି ପାଠପଢ଼ା

# ୫ଟି ରୂପାନ୍ତରିତ ଯୋଜନାରେ ସାମିଲ କରିବାକୁ ଗ୍ରାମବାସୀଙ୍କ ଦାବି



**କାକଟପୁର:** କାକଟପୁର ବ୍ଲକ ଅଧିନସ୍ଥ କାଦୁଆନୂଆଗାଁ ଗ୍ରାମପଞ୍ଚାୟତର ସନ୍ତରସ ସ୍ଥିତ ଯୋଗେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିପଦ ସଙ୍କଳ ଅବସ୍ଥାରେ ଥିବା ଗୃହରେ ଛାତ୍ର ଛାତ୍ରୀ ମାନେ ଅଧ୍ୟୟନ କରୁଛନ୍ତି। ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ବିଦ୍ୟାଳୟର ବିପଦ ସଙ୍କଳ ଗୃହର ମରାମତି ପାଇଁ ସନ୍ତରସ ଗ୍ରାମବାସୀ ମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ୫ଟି ସଚିବ, ପୁରୀ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାକଟପୁର ବ୍ଲକ ବିଡିଓଙ୍କୁ ଅନୁରୋଧ କରିଛନ୍ତି। ଖବରରୁ ପ୍ରକାଶ ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ସମଗ୍ର ରାଜ୍ୟର ଉଚ୍ଚ ବିଦ୍ୟାଳୟ ମାନଙ୍କୁ ୫ଟି ରୂପାନ୍ତରିତ ଯୋଜନାରେ ସାମିଲ କରାଯାଇଥିବା ବେଳେ ବର୍ତ୍ତମାନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କୁ ୫ଟି ଯୋଜନାରେ ସାମିଲ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। କାକଟପୁର ବ୍ଲକ ଅଧିନସ୍ଥ କାଦୁଆନୂଆଗାଁ ଗ୍ରାମପଞ୍ଚାୟତର ସନ୍ତରସ ସ୍ଥିତ ଯୋଗେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଧିକାଂଶ ଶ୍ରେଣୀ ଗୃହର ଛାତରୁ ସିମେଣ୍ଟ ପ୍ଲାଷ୍ଟର ଛାଡୁଥିବା ବେଳେ ଛାତ୍ରଛାତ୍ରୀ ମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଏହି ବିପଦସଙ୍କଳ ଗୃହରେ ପାଠ ପଢା କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ବୋଲି କାଦୁଆନୂଆଗାଁ ସରପଞ୍ଚ କୃଷ୍ଣ ଚନ୍ଦ୍ର ଜେନା ଓ ସନ୍ତରସ ଗ୍ରାମର ଯୁବନେତା କୃଷ୍ଣ ଚନ୍ଦ୍ର ବେହେରା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ୫ଟି ରୂପାନ୍ତରିତ ଯୋଜନାରେ ସନ୍ତରସ ଗ୍ରାମର ଯୋଗେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସାମିଲ କରି ବିପଦ ସଙ୍କଳ ବିଦ୍ୟାଳୟ ଗୃହର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ୫ଟି ସଚିବ, ପୁରୀ ଜିଲ୍ଲାପାଳଙ୍କୁ ସନ୍ତରସ ଗ୍ରାମବାସୀ ସମେତ କାଦୁଆନୂଆଗାଁ ସରପଞ୍ଚ କୃଷ୍ଣ ଚନ୍ଦ୍ର ଜେନା ଓ ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଦାବି କରିଛନ୍ତି।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**